ସକାଳ THE SAKALA





# ଲୋକ ସଂସଦର ବିବେକାନନ୍ଦ ଜୟନ୍ତୀ

**ଭଦ୍ରକ,୧୨ ।୧(ସମିସ):** ଓଡ଼ିଶାର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ଆଜି ଅପରାହ୍ନରେ ଶ୍ରୀ ଶ୍ରୀ ଗୋପାଳଜୀଉ ହାଇସ୍କୁଲ ପରିସରରେ ଦିଗ୍‌ଦ୍ରଷ୍ଟା ମହାପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି । ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଦୈତାରୀ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ ଯୋଗ ଦେଇଥିଲେ । ଅନୁଷ୍ଠାନର ଭଦ୍ରକ ଜିଲ୍ଲା ଉପସଭାପତି ବରିଷ୍ଠ ଅଧ୍ୟାପକ ଚିନ୍ତାମଣି ମହାକୁଡ଼ ଉକ୍ତ କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ । ଛାତ୍ର ଓ ଯୁବ ସମାଜ ପ୍ରତି ସ୍ୱାମୀ ବିବେକାନନ୍ଦଙ୍କର ଦିଗ୍‌ଦର୍ଶନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଆୟୋଜିତ ସ୍କୁଲ୍ ସ୍ତରିୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ର ପ୍ରୀୟାଂଶ ମହନୀ, ନୀତିନଜିତ ସାହୁ, ସୌରଭ ମାଝୀ ତଥା ଛାତ୍ରୀ ତନୁଜା ପରିଡ଼ା ଓ ଅମୃତା ଦାସ ଙ୍କୁ ବିବେକାନନ୍ଦ ଫଟୋଚିତ୍ର ସହ ପ୍ରଶଂସା ପତ୍ର ଅତିଥିମାନେ ବଣ୍ଟନ କରିଥିଲେ । ଏହି ଉତ୍ସବରେ ଶିକ୍ଷକ ବିଜୟ କୁମାର ଓଝା, ବରିଷ୍ଠ ନାଗରିକ ଶଙ୍କର୍ଷଣ ମହାନ୍ତି, ଛାତ୍ର ଶୁଭମ ସାମନ୍ତଙ୍କ ସମେତ ସ୍କୁଲ୍‌ର ଅଣଶିକ୍ଷକ କର୍ମଚାରୀ ପ୍ରଭାତ କୁମାର ମିଶ୍ର, ଅଜୟ କୁମାର ସାମଲ ଓ ଦିଲ୍ଲୀପ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ରାତିରେ ୨ଟି ଘରୁ ଲୁଟ୍

## ନେଇଗଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର, ୩୫ହଜାର ଟଙ୍କା

**ଭଦ୍ରକ,୧୨ ।୧(ସମିସ)**

ଭଦ୍ରକ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଥାନା ଇଲାକାରେ ଏବେ ଲୁଟେରାମାନେ ମାତିଛନ୍ତି । ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ଟ୍ରେଜେରୀ ଅଫିସ ପଛ ଜଗନ୍ନାଥ ନିଉ କଲୋନୀରେ ପାଖାପାଖି ୨ଟି ଘର ଝରକା ତାଡ଼ି ଲୁଟେରାମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ୩୫ହଜାର ଟଙ୍କା ଲୁଟି ନେଇଛନ୍ତି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଏହି କଲୋନୀ ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ବାରିକ ଓ ତାଙ୍କ ପତ୍ନୀ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ ତାଙ୍କ ଘରର ଅନ୍ୟ ଏକ ରୁମ ଝରକା ତାଡି ଲୁଟେରାମାନେ ଆଲମିରା ଭାଙ୍ଗି ସେଥିରେ ଥିବା ୨ଟି ସୁନାହାର, ୪ହଳ କାନ ରିଂ, ୨ଟି ସୁନା ମୁଦି, ୨ହଳ ରୁପା ପାଉଞ୍ଜି ଆଦି ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟ୍ କରିଥିଲେ । ସେହିଭଳି ତାଙ୍କ ଘରର ୩ଟି ଘର ଛାଡି ଘର କରିଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ରାଜକିଶୋର ମହାପାତ୍ର ଓ ତାଙ୍କ ପତ୍ନୀ ଘରେ ଶୋଇଥିବା ବେଳେ ସମାନଢଙ୍ଗରେ ଅନ୍ୟ ଏକ ରୁମ ଝରକା ଗ୍ରୀଲ ତାଡି ଲୁଟେରାମାନେ ତାଙ୍କ ଆଲମିରାରେ ଥିବା ୩ହଳ ସୁନାମୁଦି, ଗୋଟିଏ ସୁନାହାର, ୧ସୁନାକାନ ଫୁଲ ଓ ନଗଦ ୩୫ହଜାର ଟଙ୍କାକୁ ମିଶାଇ ମୋଟ ୨ଲକ୍ଷ ଟଙ୍କାରୁ ଅଧିକ ସାମଗ୍ରୀ ଚୋରି ହୋଇଛି । ଲୁଟ୍‌ରେ ଶିକାର ଏହି ୨ପରିବାର ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିବା ଜଣାଯାଇଛି । ତେବେ ଏତଲା ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ଅନ୍ୟପକ୍ଷରେ ଏହି କଲୋନୀରେ ଥିବା ସିସିଟିଭି ଫୁଟେଜରେ ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ୪୮ରେ ୪ଜଣ ଅଜଣା ଯୁବକଙ୍କ ଫୁଟେଜ ଦେଖିବାକୁ ମିଳିଥିବା ଜଣାଯାଇଛି । ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୯ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାନ୍ଦିଆ କୋରଣ୍ଟ ଅଞ୍ଚଳର ପ୍ରେମାନନ୍ଦ ମହାପାତ୍ରଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଲୁଟେରାମାନେ ଘର ମୁଖ୍ୟ କବାଟ ତାଲା ଭାଙ୍ଗି ଆଲମିରାରେ ଥିବା ୩ଟି ସୁନାହାର, ୪ହଳ ସୁନା କାନଫୁଲ, ୪ଟି ସୁନାମୁଦି ଓ ଗୋଟିଏ ସୁନା କଏନ ଆଦି ଲୁଟି ନେଇଥିଲେ । ସେହିଭଳି ଗତ ଡିସେମ୍ବର ମାସ ତୃତୀୟ ସପ୍ତାହରେ ଏହି ଥାନା ଅଧୀନ ଚାରିଘରିଆ ଅଞ୍ଚଳର ଜଣେ ଶିକ୍ଷୟିତ୍ରୀ ସ୍କୁଲ ଯାଇଥିବା ବେଳେ ତାଙ୍କ ଘର ଝରକା ବାଟେ ପଶି ଆଲମିରାରେ ଥିବା ସବୁ ସୁନା ଗହଣା ଲୁଟ୍ କରିଥିଲେ ।



# କାର୍ଯ୍ୟରେ ଯୋଗଦେଲେ ୩୪ ନୂଆ ଡାକ୍ତର



**ଭଦ୍ରକ,୧୨ ।୧(ସମିସ):** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟସେବା ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାରେ ୩୪ ଜଣ ନବନିଯୁକ୍ତ ଡାକ୍ତରଙ୍କୁ ନେଇ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏକ ପରାମର୍ଶ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ପ୍ରଦାନ କ୍ଷେତ୍ରରେ ସମସ୍ତଙ୍କୁ ଭଲ କାମ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଜିଲ୍ଲାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ମାନଙ୍କରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ସେଠାକାର ଉପଲବ୍ଧ ଭିତ୍ତିଭୂମି ସହ ଖାପ ଖୁଆଇ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ବୁଝାଇଥିଲେ । ସିଡିଓ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରୋଗୀମାନଙ୍କୁ ଉତ୍ତମ ସେବା ପ୍ରଦାନ କଲେ ଜନ ସାଧାରଣଙ୍କ ଠାରୁ ସମ୍ମାନ ମିଳିବ ବୋଲି କହିଥିଲେ । ସୂଚନା ଯୋଗ୍ୟ, ଜିଲ୍ଲାକୁ ମିଳିଥିବା ୫୧ ଜଣ ଡାକ୍ତରଙ୍କ ମଧ୍ୟରୁ ୪୨ ଜଣ କାର୍ଯ୍ୟରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୮ଜଣ ପିଜି କରିବା ପାଇଁ ଗଲା ପରେ ୩୪ ଜଣଙ୍କ ମଧ୍ୟରୁ ପିଏଚ୍‌ସିରେ ୨୪ ଜଣ, ସିଏଚ୍‌ସିରେ ୫ ଜଣ ଓ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୫ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ,୧୨ ।୧(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକଙ୍କ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍ ଶିକ୍ଷାଧିକାରୀ ଗଦାଧର ଜେନା, ସହାୟକ ବ୍ଲକ୍ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ଭଦ୍ରକ ଓକିଲ ସଂଘ ସଭାପତି, ନିରାକାର ଜେନା, ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ହାଇସ୍କୁଲର ପ୍ରଧାନଶିକ୍ଷକ ଖଗେଶ୍ୱର ଜେନା, ସ୍ୱେଚ୍ଛାସେବୀ ଅର୍ଣ୍ଣପୂର୍ଣ୍ଣା ସାହୁ, ପ୍ୟାନେଲ ଓକିଲ ଡ. ତାପସ୍ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ବହୁଳ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ଭଲ ନାଗରିକଟିଏ ହୋଇ ଦେଶ ପ୍ରତି ସେମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ବୁଝାଇ କହିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭୂମିକା ଏବଂ କାର୍ଯ୍ୟ ବିଷୟରେ ସେମାନଙ୍କୁ ଜଣାଯାଇ ଶେଷରେ ପିଲାମାନଙ୍କୁ ଭବିଷ୍ୟତରେ ସୁ-ମଣିଷ ଭାବେ ଗଢ଼ିତୋଳିବା ପାଇଁ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କୁ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବାର୍ତ୍ତା ଦିଆଯାଇଥିଲା ।

# ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଭଦ୍ରକ,୧୨ ।୧(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ (ପୂର୍ବତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ)ର ୪୯ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜିବ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିତିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ, ସ୍ଥାନୀୟ ପାରିଷଦଙ୍କ ପ୍ରତିନିଧି ପଙ୍କଜ କୁମାର ବଳ ଯୋଗ ଦେଇ ଏହା ପ୍ରକାଶ କରିଛନ୍ତି । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ମିତାଲୀ ମଧୁସ୍ମିତା ବାରିକଙ୍କ ତତ୍ତ୍ୱାବଧାନରେ ଗତ ୧୦ତାରିଖ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ସିଟି ଡିଏସ୍‌ପି. ଅଂଶୁମାନ ଦ୍ୱିବେଦୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷକ ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶିକ୍ଷକ ବିଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ କିଶୋର ଚୌଧୁରୀ ବେଦପାଠ ଓ ସବିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ୨ଦିନ ବ୍ୟାପୀ କ୍ରୀଡା ପ୍ରତିଯୋଗିତାରେ ୧ମରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥି ସହିତ ଇଣ୍ଟରହାଉସ୍ ବାସ୍କେଟବଲ୍, କବାଡି, ରିଲେ ରେସ୍, ଭଲିବଲ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଚାମ୍ପିଅନ୍ ଭାବରେ ସିନିୟର ବାଳିକା ବିଭାଗରେ ଶୂନ୍ୟସକ୍ତା ବାରିକ, ବାଳକ ବିଭାଗରେ ଗୁଫରାନ୍ କାଦ୍ରୀ, ଜୁନିଅର ବାଳିକା ବିଭାଗରେ ସ୍ୱାତିଲକ୍ଷ୍ମୀ ନାୟକ, ବାଳକ ବିଭାଗରେ ଦିପ୍ତେଶ ଦାସ, ସବ୍-ଜୁନିୟର ବିଭାଗରେ ଅଶ୍ୱିନୀ କୁମାର ସାହୁଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

**ତିହିଡି,୧୨।୧(ସମିସ):** ତିହିଡ଼ି ବ୍ଲକ ଅଧୀନ ପୀରହାଟ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଜ୍ଞାନମେଳା ଓ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରଛାତ୍ରୀ ୬୪ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ସେହିପରି ୧୦୪ ଗୋଟି ଫ୍ୟାନ୍ସି କାର୍ଯ୍ୟକ୍ରମ ମଧ୍ୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ତିହିଡ଼ି ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସମାଜସେବୀ ବିଜୟ ରାଉତ, ବିଜୟ ପଣ୍ଡା, ନରେନ୍ଦ୍ର ମିଶ୍ର, ଲକ୍ଷ୍ମିପ୍ରିୟା ଯତି, ଦେବବ୍ରତ ମିଶ୍ର ଓ ସଞ୍ଜୟ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପଦ୍ମନାଭ ପତ୍ରି, ପୀରହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୁଦୀପ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ପାଲ, ରାଧାକାନ୍ତ ମଲିକ ବିଚାରକ ଭାବେ ଯୋଗଦେଇଥିଲେ । ସେହିପରି ଫ୍ୟାନ୍ସି କାର୍ଯ୍ୟକ୍ରମରେ ସୁକୁମାର ପାଣିଗ୍ରାହୀ ଓ ସୁଚରିତା ନାୟକ ବିଚାରକଭାବେ ଯୋଗଦେଇଥିଲେ । ପଣ୍ଡିତ ରଘୁନାଥ ଦାଶ ଓ ଦିଲେଶ୍ୱର ଆଚାର୍ଯ୍ୟ ବେଦମନ୍ତ୍ର ପାଠ କରିଥିଲେ । ଦେବବ୍ରତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ତିହିଡି,୧୨ ।୧(ସମିସ):** ତିହିଡି ବ୍ଲକ ବୋଡ଼କ ପଞ୍ଚାୟତରେ ଅସହାୟ ଗରିବ ଲୋକଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି । ସମାଜସେବୀ ରାମଚନ୍ଦ୍ର ବେହେରାଙ୍କ ପକ୍ଷରୁ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ବଣ୍ଟନ କରାଯାଇଥିଲା । ସଂଗଠନର ସଭାପତି ହୃଷୀକେଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଗୋଲକ ଚନ୍ଦ୍ର ସାମଲ, ସମିତି ସଭ୍ୟ ଜୟପ୍ରକାଶ ମଲ୍ଲିକ, ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ସରପଞ୍ଚ ପ୍ରତିନିଧି ବିଷ୍ଣୁମୋହନ ଜେନା, ସମାଜସେବୀ ଶଙ୍କର୍ଷଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନର ସମ୍ପାଦକ ନରେନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ସଂଗଠନର ଉପ ସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖାଦ୍ୟର ମାନ ଯାଞ୍ଚ କଲେ ଖାଦ୍ୟ ଆୟୋଗ ସଦସ୍ୟ

**ଭଦ୍ରକ,୧୨ ।୧(ସମିସ):** ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ଦୟାନିଧି ଦାଶ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଅ.ନକ ପରିଦର୍ଶନ କରି ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ମାନ୍ୟବର ସଦସ୍ୟ ଭଣ୍ଡାରିପୋଖରୀ ବ୍ଲକ୍‌ର ରାଜେନ୍ଦ୍ରପୁର, ଶାସନ କହରାପୋଖରୀ, ରାମଚନ୍ଦ୍ରପୁର, ବିଶୋଳ, ବିଶୋଳ-୧ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ । ପୋଷଣ ଆପ୍‌ରେ ଶିଶୁମାନଙ୍କର ଓଜନ ଓ ମାପ ଅପଡେଟ୍ କରାଯାଇଥିବାରୁ ସଦସ୍ୟ ସନ୍ତୋଷ ପ୍ରକଟ କରିଥିଲେ । ସକାଳେ ଭଦ୍ରକ ବ୍ଲକ ବହୁଦରଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସହ ବହୁ ଦରଡ଼ା ନୋଡ଼ାଲ ହାଇସ୍କୁଲରେ '୫-ଟି' ରୂପାନ୍ତରିତ କାର୍ଯ୍ୟ ନେଇ ଆନନ୍ଦ ପ୍ରକାଶ କରିଥିଲେ । ସେହିପରି ସଦସ୍ୟ ରାଜେନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶାସନ କହରାପୋଖରୀ ପ୍ରାଇମେରୀ ସ୍କୁଲ, ମୁରଲୀଧର ସରକାରୀ ଉପ୍ରା ବିଦ୍ୟାଳୟ, ବିଶୋଳ କୁଳଣା ମୈତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗିରିଧାରୀ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ । '୫-ଟି' ଅଧୀନରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ନେଇ ମାନ୍ୟବର ସଦସ୍ୟ ନିଜର ଖୁସିବ୍ୟକ୍ତ କରିଥିଲେ । ଆଜି ସକାଳେ ମାନ୍ୟବର ସଦସ୍ୟ ଜିଲ୍ଲାପାଳ ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ, ପିଡ଼ିଏସ୍ ବ୍ୟବସ୍ଥା ଅଙ୍ଗନବାଡ଼ି ଏବଂ ମଧ୍ୟାହ୍ନ ଭୋଜନ ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।



# ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ଶାଖା ବାର୍ଷିକ ଉତ୍ସବ



**ଭଦ୍ରକ,୧୨ ।୧(ସମିସ):** ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସଂସ୍କୃତିଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ହୋଇଥିଲା । ଉଦ୍‌ଘାଟକ ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟଅତିଥି ଭାବେ ବିଧାୟକ ସଂଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି ବିଭୂତିଭୂଷଣ କର, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ରୋଟାରିଆନ କୁଳଦୀପ ରଥ, ରାଜ୍ୟ କୋଷାଧ୍ୟକ୍ଷ ରାଜେନ ଚୋ÷ଧୁରୀ, ସଂଗଠନ ସଂପାଦକ ଅପୂର୍ବରଞ୍ଜନ ବେହେରା, ଜିଲ୍ଲା ସଂପାଦକ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତା ମାତା ଓ ୨୫ରୁ ଊର୍ଦ୍ଧ୍ୱ ଅବିବାହିତ ପୁଅ ଝିଅଙ୍କୁ ସାମିଲ କରିବା ସହିତ ସଂଘରେ ସଦସ୍ୟ ସଂଖ୍ୟା ବୃଦ୍ଧି, ସାମ୍ବାଦିକ ସୁରକ୍ଷା ଆଇନ, ରାଜ୍ୟ ସରକାର ପ୍ରଦାନ କରୁଥିବା ବୀମା ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ଜିଲ୍ଲା ସଭାପତି ସାମ୍ବାଦିକମାନଙ୍କ ପାଇଁ ଏକ ସାମ୍ବାଦିକ ଭବନ ନିର୍ମାଣ କରିବା ପାଇଁ ବିଧାୟକଙ୍କ ନିକଟରେ ଦାବି ରଖିଥିଲେ । ସାମ୍ବାଦିକ ସୁଧାକର ଦାଶ ଅତିଥି ପରିଚୟ ପ୍ରଦାନ, ଦୀପ୍ତିରଞ୍ଜନ ନାୟକ ସ୍ୱାଗତ, ନୀରଦ ଦାସ ଓ ଶ୍ୟାମସୁନ୍ଦର ମହାପାତ୍ର ସାମ୍ବାଦିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସାମ୍ବାଦିକ ମନୋରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଆବାହକ ଅବିନାଶ ପଣ୍ଡା, ଶୁଭଦୀପ ମଲ୍ଲିକ, ରାମନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ପାଗଳ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# ଜାତୀୟ ଯୁବଦିବସ ପାଳିତ

**ଭଣ୍ଡାରିପୋଖରୀ,୧୨।୧(ସମିସ):** ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ପରିସରରେ ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଲୋକ ସଂସଦ ଆନୁକୂଲ୍ୟରେ ଓ ଗୁରୁମା ସୁସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ ମୁଖ୍ୟବକ୍ତା, ଗୁରୁଜୀ ସୁଶାନ୍ତ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଯୁବ ସମାଜ ପାଇଁ ଯୁଗେଯୁଗେ ପ୍ରେରଣାର ଉତ୍ସ ବୋଲି ମତପ୍ରକାଶ କରିଥିଲେ । ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଜିତେନ୍ଦ୍ର ରାଉତ, ଅନୁଷ୍କା ଓଝା, ପ୍ରତିଭାଦେବୀ ବେହେରା, ପ୍ରିୟଙ୍କା ସେନାପତି, ସାଇଆରାଧନା ନନ୍ଦ, ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ସୁସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ ।

# ଝଲସୁଛି ଫଳପୁର ଦପାନାୟକାଣୀ ପୀଠ

**ଧୁଷୁରୀ,୧୨ ।୧(ସମିସ):** ଧାମନଗର ବ୍ଲକ ଫଳପୁର ସ୍ଥିତ ପ୍ରସିଦ୍ଧ ମା'ଦପାନାୟକାଣୀ ପୀଠ ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି । ପ୍ରାୟ ୭୫ ବର୍ଷ ପୂର୍ବରୁ ଏହିସ୍ଥାନରେ ଚାଷୀ ମାନଙ୍କ ଦ୍ୱାରା ନଦୀ ବନ୍ଧ ତିଆରି ସମୟରେ ମାଟି ତଳୁ ପଥର ସଦୃଶ ମା'ଙ୍କର ମୂର୍ତ୍ତି ଉଦ୍ଧାର ହୋଇଥିଲା । ସେବେଠାରୁ ସ୍ଥାନୀୟ ଚାଷୀ ମାନେ ସାର୍ବଜନୀନ ପୂଜା ଅନୁଷ୍ଠିତ ହୋଇ ଆସୁଛି । ପ୍ରାୟ ଦଶ ବର୍ଷ ହେବ ସରକାରଙ୍କ ପ୍ରୋତ୍ସାହନରେ ମା'ଙ୍କର ସୁନ୍ଦର ମନ୍ଦିର ନିର୍ମାଣ ହୋଇଛି । ସ୍ଥାନୀୟ କମିଟି ଦ୍ୱାରା ୫ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା, ମାନସିକଧାରୀମାନେ ମାଟି ଘୋଡା, କଦଳୀ, ନଡ଼ିଆ, ବାର ମିଶା ଭୋଗ ଲାଗି ପାଇଁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଥିବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ପରିବେଷଣ, ଅପେରା ପ୍ରଦର୍ଶନ ହେବ ପାଇଁ କମିଟି ତରଫରୁ ସୂଚନା ମିଳିଛି । '୫-ଟି' ଅଧୀନରେ ଉକ୍ତ ପୀଠକୁ ଅନ୍ତର୍ଭୁକ୍ତ କରାଯାଇ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ କମିଟି ତରଫରୁ ଦାବି ହୋଇଛି ।



# ବିଦ୍ୟାଳୟ କ୍ରୀଡ଼ାରେ ଖେଳୁଥିବା ୮ ଛାତ୍ରୀ ଅସୁସ୍ଥ

**ଦୋବଲ,୧୨ ।୧(ସମିସ):** ଦୋବଲ ଜୋନ ଅନ୍ତର୍ଗତ କରଦା ପଞ୍ଚାୟତର ପିସି ହାଇସ୍କୁଲର ବାର୍ଷିକ କ୍ରୀଡ଼ାରେ ଛାତ୍ରଛାତ୍ରୀ ଭାଗ ନେଇ ଶହେ ମିଟର ଦୌଡରେ ସାମିଲ ହୋଇଥିବା ବେଳେ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ କର, ଅସ୍ମିତା ଦାସ, ପ୍ରିୟଙ୍କା ନାୟକ, ତପସ୍ୱିନୀ ପତି, ଅର୍ପିତା ସାହୁ, ଶୁଭ ଲକ୍ଷ୍ମୀ ପାଣି, ସ୍ୱାଗତିତା ସାହୁ ଓ ଶୁଭଶ୍ରୀ ନାୟକ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଧାମନଗର ଡକ୍ତରଖାନାକୁ ନିଆଯାଇଥିଲାଫ ସେଠାରେ ସେମାନଙ୍କୁ ଡାକ୍ତର ଚିକିତ୍ସା କରିଥିଲେଫ ତେବେ ଶୁଭଶ୍ରୀ ନାୟକ ଗୁରୁତର ହୋଇଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲାଫ ତେବେ ଛାତ୍ରୀମାନେ ଦୌଡୁଥିବାବେଳେ ଅଧିକ ନିଶ୍ୱାସ ପ୍ରଶ୍ୱାସ ବଢି ଯାଇଥିବାରୁ ଏପରି ଘଟଣା ଘଟିଛି । କୌଣସି ଭୟ କରିବାର ନାହିଁ ବୋଲି ଡାକ୍ତର ଏସ୍‌ଏନ୍ ପାଣିଗ୍ରାହୀ ପ୍ରକାଶ କରିଥିଲେ । ତେବେ ସମସ୍ତ ଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା ସୂଚନା ଦେଇ ଥିଲେ । ସେହିପରି ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ନୋଡ଼ାଲ ସ୍କୁଲର ୪ ଜଣ ଛାତ୍ରୀ ମଧ୍ୟ ଅସୁସ୍ଥ ହୋଇ ପଡ଼ିଥିଲେ । ସେମାନଙ୍କୁ ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ନଗର ବିଜେଡି ସଭାପତି ସୁଶାନ୍ତ ରାଉତ ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ ।

# ରଣଜୀ ଟିମ୍‌ରେ ଖେଳିଲେ ହର୍ଷିତ୍

**ଭଦ୍ରକ,୧୨ ।୧(ସମିସ)**

ଓଡିଶା ରାଜ୍ୟ ରଣଜୀ ଟିମ୍‌ରେ ଖେଳିଲେ ହର୍ଷିତ୍ ରାଠୋଡ୍ । ଏହି କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ଭଦ୍ରକ ଜିଲ୍ଲାର ପ୍ରଥମ କ୍ରିକେଟର । ଏଥିପାଇଁ ତାଙ୍କ ମନୋନୟନ ଭଦ୍ରକର କ୍ରିକେଟ୍ ମହଲରେ ଖୁସିର ମାହୋଲ୍ ସୃଷ୍ଟି କରିଛି । ୨୫ ବର୍ଷୀୟ ହର୍ଷିତ୍ ଚରମ୍ପାର ଏକ କ୍ଷୁଦ୍ର ବ୍ୟବସାୟୀ ପରିବାରରେ ଏକମାତ୍ର ସନ୍ତାନ । ପିତା ପ୍ରଫୁଲ୍ଲ ରାଠୋଡ୍ ଏବେ ଦିବଂଗତ । ମାତା ହେଉଛନ୍ତି ତନୁଜା ଦେବୀ । ଆର୍ଥିକ ଅନଟନ ସତ୍ତ୍ୱେ ସେ ଚରମ୍ପା ସ୍ଥିତ ହ୍ୟାପି ହୋମ୍ ସ୍କୁଲ୍‌ରେ ଅଧ୍ୟୟନ କରିବାର ସୁଯୋଗ ପାଇଥିଲେ । ଏହି ବିଦ୍ୟାଳୟର ଅଧ୍ୟାପକ ରବି ନାରାୟଣ ଓଝା କ୍ରୀଡା ପ୍ରତି ହର୍ଷିତ୍‌ଙ୍କର ଆସକ୍ତି ଦେଖି ତାଙ୍କୁ କ୍ରିକେଟ୍‌ର ବର୍ଣ୍ଣମାଳା ଶିଖାଇଥିଲେ । ପରବର୍ତ୍ତୀ ସମୟରେ ସେ ଓଡ଼ିଶାର ଯଶସ୍ୱୀ କ୍ରିକେଟ୍ ପ୍ରଶିକ୍ଷକ କେଭି ପ୍ରସାଦଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିଜୟ ଭାନୁ ମେମୋରିଆଲ୍ କ୍ରିକେଟ୍ ଏକାଡେମୀ'ରେ ଯୋଗ ଦେଇଥିଲେ । ୨୦୧୩ ମସିହାରେ ହର୍ଷିତ୍ ୧୬ ବର୍ଷୀୟ ଓଡିଶା ଟିମ୍‌ରେ ସ୍ଥାନ ପାଇଁ 'ବିଜୟ ମର୍ଚ୍ଚାଣ୍ଟ ଟ୍ରଫି କ୍ରିକେଟ୍' ଖେଳିଥିଲେ । ପ୍ରଥମ ମ୍ୟାଚ୍‌ରେ ସେ କେରଳ ବିପକ୍ଷରେ ଚତୁର ବୋଲିଂ କରି ପ୍ରାରମ୍ଭିକ ୫ ଜଣ ବ୍ୟାଟସମ୍ୟାନ୍‌ଙ୍କୁ ଶୂନ୍ୟ ରନ୍‌ରେ ଆଉଟ୍ କରି ଜାତୀୟସ୍ତରରେ ଆଲୋଡନ ସୃଷ୍ଟି କରିଥିଲେ । ୨୦୧୬ ମସିହାରେ ସେ ୧୯ ବର୍ଷୀୟ 'ଧ୍ରୁବ ପାଣ୍ଡବ ଟ୍ରଫି' ପାଇଁ, ୨୦୧୯ ମସିହାରେ ୨୩ ବର୍ଷୀୟ 'ସିକେ ନାୟଡୁ ଟ୍ରଫି' କ୍ରିକେଟ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ସେହିପରି ୨୦୨୧ ଓ ୨୦୨୨ ମସିହାରେ ସେ ୨୫ ବର୍ଷୀୟ 'ସିକେ ନାୟଡୁ ଟ୍ରଫି' କ୍ରିକେଟ୍‌ରେ ଓଡ଼ିଶା ତରଫରୁ ଖେଳିଥିଲେ । ସିନିୟର କ୍ରିକେଟ୍‌ରେ ମଧ୍ୟ ହର୍ଷିତ୍‌ଙ୍କ ଦବଦବା ଥିଲା । ୨୦୨୦ରେ ସେ ଏକଦିବସୀୟ ଫର୍ମାଟ୍‌ରେ ଅନୁଷ୍ଠିତ 'ବିଜୟ ହଜାରେ ଟ୍ରଫି' ଓ ଟି-୨୦ ଫର୍ମାଟ୍‌ରେ ଅନୁଷ୍ଠିତ 'ସୟିଦ୍ ମୁସ୍ତାକ୍ ଅଲ୍ଲୀ ଟ୍ରଫି' କ୍ରିକେଟ୍ ପାଇଁ ଟିମ୍ ଓଡ଼ିଶାରେ ସ୍ଥାନ ପାଇଥିଲେ । ଚଳିତ ୨୦୨୩-୨୪ ସିଜନ୍‌ରେ ସେ 'ସୟିଦ୍ ମୁସ୍ତାକ୍ ଅଲ୍ଲୀ' ଓ 'ବିଜୟ ହଜାରେ ଟ୍ରଫି' ସହ ଏବେ ଓଡିଶା ରଣଜୀ ଟିମ୍‌ରେ ସ୍ଥାନ ପାଇ ଭଦ୍ରକ ଜିଲ୍ଲା ପାଇଁ ଏକ ଗୌରବର ଅଧ୍ୟାୟ ରଚନା କରିଛନ୍ତି । ପ୍ରବଳ ପ୍ରତିଦ୍ୱନ୍ଦିତା ମୂଳକ କ୍ରିକେଟ୍‌ରେ ତାଙ୍କର ତେଜୋଦୀପ୍ତ ପ୍ରଦର୍ଶନ ପ୍ରଚ୍ଛଦପଟେ ମାଆ ତନୁଜା ଦେବୀଙ୍କ ଆଶୀର୍ବାଦ, ଗୁରୁ କେଭି ପ୍ରସାଦଙ୍କ ପ୍ରଶିକ୍ଷଣ ଓ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସାଧାରଣ ସମ୍ପାଦକ ଧୀରେନ ପଲାଇଙ୍କ ପ୍ରେରଣା ବିଦ୍ୟମାନ ।



ଭଦ୍ରକ ଜିଲ୍ଲାରୁ ପ୍ରଥମ କ୍ରିକେଟର

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିକ୍ରମ କିଶୋର ମହାନ୍ତି
ଅବସରପ୍ରାପ୍ତ ଶିକ୍ଷକ, ଘଣ୍ଟିକଣ, ଅସ୍ତରଙ୍ଗ
ଆବିର୍ଭାବ: ୦୪.୦୭.୧୯୧୬
ତିରୋଧାନ: ୨୬.୦୭.୨୦୨୪
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ଝିଅ- ସବିତା, ଗୀତା, ଜ୍ୱାଇଁ- ପ୍ରତାପ, ପ୍ରଶାନ୍ତ, ନାତି-ନାତୁଣୀ: ମାମୁନି, ପାପୁନି, ଓମ୍, ପରିବାର ଓ ବନ୍ଧୁବର୍ଗ

## ଏଣ୍ଡଲବାରେ ଖୋଲିଲା ଧାନମଣ୍ଡି



**କବାଟବନ୍ଧ ୧୨।୧ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ଗ୍ରାମ ପଞ୍ଚାୟତରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଏହି ଧାନ ମଣ୍ଡି କୁ ଗୋଷ୍ଠୀ ର ସଭାନେତ୍ରୀ ପ୍ରତିଭା ପଣ୍ଡା ଉଦଘାଟନ କରିଥିଲେ । ଏହି ପଞ୍ଚାୟତର ଅଗ୍ରଣୀ ଚାଷୀ ପଞ୍ଚାନନ ସାହୁ କଣ୍ଟା ପୂଜା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ କଲାଣ୍ଡ ବିଦ୍ୟାଳୟ କମିଟି ର ସଭାପତି ଉଦ୍ଧବ ଚରଣ ସାହୁ, ଯୁବ ଚାଷୀ ଦିଲ୍ଲୀପ ସାହୁ, ମନୋଜ କୁମାର ପ୍ରଧାନ, କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ । ପ୍ରଥମ ଦିନ ରେ ୨୧ ଜଣ ଚାଷୀଙ୍କ ଠାରୁ ୫ ଶହ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା ।ଇଷ୍ଟର୍ଣ୍ଣ ଜୋନ ରାଇସ ମିଲ୍ ଏହି ଧାନକୁ କ୍ରୟ କରିଥିଲା । ସରକାରୀ ଭାବେ ଧାର୍ଯ୍ୟ କ୍ୱିଣ୍ଟାଲ ପ୍ରତି ୨୧୮୩ ଟଙ୍କା ମୂଲ୍ୟ ରେ ଚାଷୀ ସେମାନଙ୍କ ର ଧାନ ବିକ୍ରୀ କରିଥିଲେ ।ଧାନ କ୍ରୟ କରିବାକୁ ଆସିଥିବା ମିଲର ମାନେ ସହଯୋଗ କରିଥିଲେ ।ପରବର୍ତ୍ତୀ ସମୟରେ କ୍ରମାନ୍ୱୟରେ ଟୋକନ ପାଇଥିବା ସମସ୍ତ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ସଭାନେତ୍ରୀ ପ୍ରତିଭା ପଣ୍ଡା ସୂଚନା ଦେଇଛନ୍ତି ।

## କୁଆଁରପୁର ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



**କୟାଁଗୋଲା, ୧୨।୧(ସମିସ):** ଦଶରଥପୁର ବ୍ଲକ କୁଆଁରପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି । କୁଆଁରପୁରସ୍ଥ ମହିଷିଡିହ ପଡ଼ିଆରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଛନ୍ତି । ସମବାୟ ସମିତି ସମ୍ପାଦକ ଭାଗ୍ୟଧର ମଲ୍ଲିକଙ୍କ ପରିଚାଳନାରେ ଆୟୋଜିତ ମଣ୍ଡି ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, କଟକ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ମଲ୍ଲିକ, ଏଆରସିଏସ୍ ଶରତ ଚନ୍ଦ୍ର ମଲ୍ଲିକ, ସରପଞ୍ଚହିମାଂଶୁ ନାୟକ, ସମିତି ସଭ୍ୟ ବିଜୟ କୁମାର ନାୟକ, ପୂର୍ବତନ ସମିତି ସଭ୍ୟ ଜୟନ୍ତ କୁମାର ନାୟକ, କୁଆଁରପୁର ସମବାୟ ସମିତି ସଭାପତି ରମେଶ ଚନ୍ଦ୍ର ଦାସ, ସମବାୟ ସମିତି ଅକରପଡ଼ା ସଭାପତି ଲକ୍ଷ୍ମୀନାରାୟଣ ସୁନ୍ଦରରାୟ, ସମବାୟ ସମିତି ତଳିହା ସଭାପତି ସଦାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ସରକାରୀ ଧାନମଣ୍ଡି ଉଦ୍‌ଘାଟିତ

**ଚଢ଼େଇଧରା, ୧୨।୧(ସମିସ):** ଧର୍ମଶାଳା ବ୍ଲକ ମହିଶରା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଆଜି ସରକାରୀ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମବାୟ ସମିତିର ସଭାପତି ସୁଲେଖ ଚନ୍ଦ୍ର ନାୟକ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଥିଲେ ପୂର୍ବତନ ସଭାପତି ଅଶୋକ ରାଉତ, ସମ୍ପାଦକ ଅମରେନ୍ଦ୍ର ରାଉତ, ସରପଞ୍ଚ ଶରତ ଚନ୍ଦ୍ର ରାଉତ, ଅନୀଲ ନାୟକ, ଚକ୍ରଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାଥମିକ କୃଷି ସମବାୟ ତରଫରୁ ଆଜି କେତକ ଚାଷୀଙ୍କଠାରୁ ଧାନ ମଧ୍ୟ କିଣା ଯାଇଛି ।

## ଅଷ୍ଟପ୍ରହର ନାମଯଜ୍ଞ ପ୍ରସ୍ତୁତି ବୈଠକ



**ଯଖପୁରା, ୧୨।୧(ସମିସ):** ଅଞ୍ଚଳର ବହୁ ପୁରାତନ ଅଷ୍ଟପ୍ରହର ନାମଯଜ୍ଞ ପଙ୍କପାଳ ଗ୍ରାମରେ ହୋଇଆସୁଛି । ଏବର୍ଷ ଅଷ୍ଟପ୍ରହର ପାଇଁ ପ୍ରସ୍ତୁତି ବୈଠକ ଅଷ୍ଟପ୍ରହର କୁଞ୍ଜରେ ଅନୁଷ୍ଠିତ ହୋଇଥିଲା । ସ୍ନେହାଶିଷ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାକୁ ଦିନ ଧାର୍ଯ୍ୟ କରାଯାଇଛି । ପ୍ରତିବର୍ଷ ଭଳି ଏହିବର୍ଷ କିପରି ନାମଯଜ୍ଞ, ଠାକୁରଙ୍କ ନୀତିକାନ୍ତି, ଭୋଜି, ଅର୍ଥରାଶି ଅଟକଳ ବ୍ୟବସ୍ଥା, ସାଜସଜ୍ଜା, ଶାନ୍ତିଶୃଙ୍ଖଳା ଓ ଭିଡ ନିୟନ୍ତ୍ରଣ ଆଦିକୁ ସଠିକ ଭାବେ ପରିଚାଳନା କରିବା ପାଇଁ ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ମୁଖ୍ୟ କର୍ତ୍ତା ଜୟଦେବ ମହାପାତ୍ର, କୋଷାଧ୍ୟକ୍ଷ ସୁଦାମ ପରିଡ଼ା, ବରିଷ୍ଠ ସଦସ୍ୟ ନରହରି ରାଉତ, ପ୍ରଫୁଲ୍ଲ ବାରିକ, ଯତୀନ୍ଦ୍ର ରାୟ, ଅମରେନ୍ଦ୍ର ରାୟ, ବିନୟ ଜେନା, ଜଟିଆ ରାୟ, ଅମୟ ଜେନା, ପଙ୍କଜ ମଲ୍ଲିକ, ସଦାଶିବ ରାୟ ପ୍ରମୁଖଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### କାଳିଆପାଣି ଅଞ୍ଚଳରେ ଜମି ଓ କାଠ ମାଫିଆ ସକ୍ରିୟ

# ରାତାରାତି ଗାଏବ ହେଉଛି ବଡ଼ ବଡ଼ ଗଛ

**କାଳିଆପାଣି, ୧୨।୧ (ସମିସ)**

କାଳିଆପାଣି ଖଣି ଅଞ୍ଚଳରେ ଜମି ଓ କାଠ ମାଫିଆ ବେଧଡକ କାୟା ବିସ୍ତାର କରିଚାଲିଛନ୍ତି । ଯେକୌଣସି ସରକାରୀ ଜମି ହେଉ କିମ୍ବା ଓଡ଼ିଶା ଖଣି ନିଗମ ଅଧୀନରେ ଥିବା ଜଙ୍ଗଲ ଜମି ହେଉ ରାତାରାତି ବଡ଼ ବଡ଼ ମହୁଲ ଗଛ କାଟି ସଫା କରିଦେଉଛନ୍ତି । ଏକର ଏକର ଜଙ୍ଗଲ ସଫା କରି ଘର ତିଆରି ଚାଲିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ମାତ୍ର କିଛିଦିନ ମଧ୍ୟରେ ଦିବାଲୋକରେ ଗଛ କଟାହୋଇ ଜମିକୁ କବ୍‌ଜା କରି ଘର ତିଆରି ଚାଲିଥିଲେ ସୁଦ୍ଧା ନା ବନ ବିଭାଗ ନା ଓଡ଼ିଶା ଖଣି ନିଗମ କର୍ତ୍ତୃପକ୍ଷ ଏହାର ପତ୍ତା ପାଉନାହାନ୍ତି ।

ସବୁଠୁ ଚିନ୍ତାର ବିଷୟ, କାଳିଆପାଣି ପଞ୍ଚାୟତ ଅନ୍ତର୍ଗତ ଘାଗିଆ ସାହି ଓ ଚିରିଗୁଣିଆଁ ସାହିର ଶ୍ମଶାନକୁ ଯିବା ପାଇଁ ରାସ୍ତାକୁ ମଧ୍ୟ ବନ୍ଦ କରି ଏହା ଉପରେ ନୂଆ ନୂଆ ଘର ତିଆରି ଚାଲିଛି । ଏହା କାଳିଆପାଣି ପଞ୍ଚାୟତ ଅନ୍ତର୍ଗତ ଘାଗିଆ ସାହି ପଛପଟେ ଥିବା ଜଙ୍ଗଲ ଘେରା ଜମି । ବନବିଭାଗ ପକ୍ଷରୁ ଜଙ୍ଗଲରେ ଖଣ୍ଡେ ଡାଳ କଟାହେଲେ ଆସାମୀଙ୍କୁ ଧରି କୋର୍ଟ ଚାଲାଣ କରାଯାଉଥିବାବେଳେ ଦିନ ଦ୍ୱିପହରରେ ରାସ୍ତା କଡ଼ରୁ ବଡ଼ ବଡ଼ ମହୁଲ ଗଛ କଟାଯାଇ ରାତାରାତି ଗାଏବ ହୋଇଯିବା ବଡ ଆଶ୍ଚର୍ଯ୍ୟର ବିଷୟ । ଏ ନେଇ ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ମତ ଯେ ଏହା ଓଡ଼ିଶା ଖଣି ନିଗମ ଅନ୍ତର୍ଗତ ଅଞ୍ଚଳ ହୋଇଥିବାରୁ ସେ ଏହାର ଖବର ରଖିନାହାନ୍ତି ।

ତେବେ ସର୍ବସମ୍ମୁଖରେ ଏକର ଏକର ଜମି କବ୍‌ଜା ହୋଇ ସେଥିରେ ଥିବା ବହୁ କାଳର ପୁରୁଣା ବିଶାଳକାୟ ଗଛ ଗାଏବ କେମିତି ହୋଇଯାଉଛି ? ନିଶ୍ଚିତ ଭାବେ ଏଥିରେ ଅସାଧୁ କାରବାର ଚାଲିଥିବା ଗନ୍ଧ ବାରିହେଉଛି । ଏଥିରେ ଓଡ଼ିଶା ଖଣି ନିଗମ ଅଧିକାରୀ ସାମିଲ ନାହାଁନ୍ତି ତ? ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, କାଳିଆପାଣି ଖଣି ଅଞ୍ଚଳରେ ଓଡ଼ିଶା ଖଣି ନିଗମର ମୁଖ୍ୟ କାର୍ଯ୍ୟାଳୟଠାରୁ ମାତ୍ର କେଇଶହ



ମିଟର ଦୂରରେ ଏହା ଦେଖିବାକୁ ମିଳିଛି । ଏ ଅଞ୍ଚଳରେ ଥିବା କମ୍ପାନୀ ବୃକ୍ଷରୋପଣ ଦିଗରେ ବିଶେଷ ପ୍ରୟାସ ଚଳାଇଥିବାବେଳେ ଓଡ଼ିଶା ଖଣି ନିଗମର ଅଧିକାରୀ ଏହାକୁ ଜାଣିଶୁଣି ଅଣଦେଖା କରିବା ଅଧିକାରୀଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ତ୍ତମାନ ସମୟରେ ଜଳବାୟୁ ସମସ୍ୟାକୁ ନେଇ ରାଜ୍ୟ ସରକାର ଚିନ୍ତିତ ଥିବାବେଳେ ଏଠାରେ ଜଙ୍ଗଲରୁ ଗଛକଟା ଓ ଜଂଗଲ ଜମିକୁ ଜବରଦଖଲ ଘଟଣା ବେଧଡକ ଚାଲିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତେଣୁ ଏଠାରେ ଚାଲିଥିବା ବେଆଇନ ଗଛକଟା, ଏକର ଏକର ଜମିକୁ ଗଛ କାଟି ସେଠାରେ ନୂଆନୂଆ ଘର ନିର୍ମାଣ କରିବା କାର୍ଯ୍ୟକୁ ତୁରନ୍ତ ବନ୍ଦ କରି ଏଥିରେ ସାମିଲ ଥିବା ଅସାଧୁ ମାଫିଆଙ୍କୁ ଉଚିତ ଦଣ୍ଡ ଦେବାପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି କରାଯାଇଛି ।

## ଟମକା ଅଞ୍ଚଳରେ ବେଧଡ଼କ ମଦ କାରବାର

**ଟମକା, ୧୨।୧(ସମିସ)**

ଟମକା ଥାନା ପାଟବାଲି ଗ୍ରାମରେ ବେଧଡକ ମଦ କାରବାର ଚାଲିଛି । ପୁଲିସ୍ ଓ ଅବକାରୀ ବିଭାଗ ହାତ ବାନ୍ଧି ବସିଥିବାବେଳେ ଏହାକୁ ବନ୍ଦ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଅଣ୍ଟା ଭିଡିଛନ୍ତି । ମହୁଲି ମାଫିଆ ବିଭିନ୍ନ ସ୍ଥାନରେ ବଟି ଦେଇ ଏହି ବ୍ୟବସାୟ ଚଳାଉଥିବା ଅଭିଯୋଗ ହୋଇଛି । ଏହି ଘଟଣା ତଦନ୍ତ ସାପେକ୍ଷ ହୋଇଥିବାବେଳେ ଏହି ଚୋରା ମଦ କାରବାର ବନ୍ଦ କରିବାକୁ ଉକ୍ତ ମହିଳା ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି ।

ପାଟବାଲି ଗ୍ରାମରେ ଚୋରା ମହୁଲି କାରବାରର ଏକାଧିକ ଆଡ୍ଡା ଏବେ ସକ୍ରିୟ । ସ୍ଥାନୀୟ ଗ୍ରାମର ୨ରୁ ୩ ଜଣ ମଦବେପାରୀ ଏହି କାରବାର କରୁଛନ୍ତି । ମଦ କାରବାରରେ ମାଫିଆ ମାଲେମାଲ୍ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ନିଶାଗ୍ରସ୍ତ ହୋଇ ରହୁଛନ୍ତି । ଦିନକୁ ଦିନ ପାରିବାରିକ କଳହ ବଢ଼ିଚାଲିଛି । ଏହି ଚୋରା ମହୁଲି କାରବାର



ବନ୍ଦ ପାଇଁ ମହିଳା ଥାନାର ଦ୍ୱାରସ୍ଥ

ପାଇଁ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ଲାଗି ରହିଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୁଲିସ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଏ ଚୋରା ମହୁଲି କାରବାର ବିଷୟ ମହିଳା ମହାସଂଘ ବୈଠକରେ ପଡ଼ିବା ପରେ ମହାସଂଘର କର୍ମକର୍ତ୍ତା ପାଟବାଲି ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ମଦ ବନ୍ଦ କରିବାକୁ ତାଗିଦ୍ କରିଥିଲେ । ଏହି କ୍ରମରେ ଗତ ସୋମବାର ଦିନ ମହିଳା ସଂଘ ବୈଠକରେ ଉକ୍ତ କଥା ପଡ଼ିବାରୁ ମହିଳାମାନେ ଏକତ୍ରିତ ହୋଇ ମେଳି ବାନ୍ଧି ଗ୍ରାମରେ ମଦକାରବାର କରୁଥିବା ବେପାରିଙ୍କ ଘରେ ପହଞ୍ଚି ମଦ ବେପାର ବନ୍ଦ କରିବାକୁ କହିଥିଲେ । ଏନେଇ ମହିଳାମାନେ ମେଳି ବାନ୍ଧି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଅଭିଯୋଗ ପରେ ପୁଲିସ୍ ଉକ୍ତ ଗ୍ରାମର ଜୈନକ ମଦ ବେପାରିଙ୍କୁ ଉଠେଇ ଆଣି ନୋଟିସରେ ଛାଡି ଦେଇଥିବା ବେଳେ ଗୁରୁବାର ଦିନ ଅନ୍ୟଜଣେ ମଦ ବେପାରି ଓ ମହିଳାମାନେ ମୁହାଁମୁହିଁ ହୋଇ ଥାନାକୁ ଖବର ଦେଇଥିବା ସୂଚନା ମିଳିଛି । ତେବେ ଗତ ୪ଦିନ ତଳେ ଇନ୍ସପେକ୍ଟର ଶଙ୍କର୍ଷଣ ଦଳାଇ ଟମକା ଥାନାର ନୂତନ ଥାନା ଅଧିକାରୀ ଭାବେ ଯୋଗଦାନ କରିଥିବା ବେଳେ ଥାନା ଅଞ୍ଚଳରେ ଚାଲିଥିବା ବ୍ୟାପକ ଦେଶୀ ଓ ବିଦେଶୀ ମଦ କାରବାର ରୋକ୍ ଦିଗରେ ତାଙ୍କର ଅଭିମୁଖ୍ୟ କ'ଣ ରହୁଛି ତାହା ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି ।

### ରାଇଛନ୍ଦା ପଞ୍ଚାୟତରେ ଡ୍ରେନ୍ ସମସ୍ୟା

## ୧୦ ବର୍ଷ ଧରି ସମସ୍ୟା ଭୋଗୁଛନ୍ତି ୧୨୦ ପରିବାର

**କବାଟବନ୍ଧ, ୧୨।୧ (ସମିସ):** ୧୦ ବର୍ଷ ଧରି ଡ୍ରେନେଜ ସମସ୍ୟା ଭୋଗୁଛନ୍ତି ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ୨ଟି ୱାର୍ଡ଼ର ୧୨୦ ପରିବାରର ଶତାଧିକ ଲୋକ । ବାରମ୍ବାର ଅଭିଯୋଗ ପରେ ବି ହୋଇପାରୁନି ସମାଧାନ । ଏ ନେଇ ଧର୍ମଶାଳା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ରାଇଛନ୍ଦା ପଞ୍ଚାୟତର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ । ବର୍ଷାଦିନେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ଧରି ଗାଁ ମଝିରେ ବର୍ଷା ଜଳ ଜମି ରହିବାରୁ ତାହା ଅପରିଷ୍କାର ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଛୋଟ ଛୋଟ ପିଲା ସ୍କୁଲ ଯିବା ଆସିବାରେ ବହୁ ସମସ୍ୟା ହେଉଛି । ଏବେ



ଏହି ଗ୍ରାମରେ ମୁଖ୍ୟ ସମସ୍ୟାକୁ ଦୃଷ୍ଟି ନ ଦେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ରାସ୍ତାର ଉନ୍ନତିକରଣ କାମ ଆରମ୍ଭ ହୋଇଛି । ଯଦ୍ୱାରା ଗ୍ରାମବାସୀ ଆହୁରି ଅସୁବିଧାର ସମ୍ମୁଖୀନ ହେବେ । ଯାହାକୁ ନେଇ ଗ୍ରାମବାସୀ ଧର୍ମଶାଳା ବିଡ଼ିଓଙ୍କୁ କାମ ବନ୍ଦ କରିବା ସହିତ ଗ୍ରାମର ମୁଖ୍ୟ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବର୍ତ୍ତିକାର ମୁଖ୍ୟ ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି

**କୟାଁଗୋଲା, ୧୨।୧(ସମିସ):** ଦଶରଥପୁରସ୍ଥ ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ତଥା ଏହାର ଆଜୀବନ ସଭାପତି ଓ ସାହିତ୍ୟ ପତ୍ରିକା ବର୍ତ୍ତିକାର ମୁଖ୍ୟ ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ନବକିଶୋର ମିଶ୍ରଙ୍କ ବିୟୋଗରେ ବର୍ତ୍ତିକା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଦଶରଥପୁର ସଂସ୍କୃତି ଭବନ ପରିସରରେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ସହ ସଂସ୍କୃତ ବିଦ୍ୱାନ ସୁରେଶ କର ମନ୍ତ୍ର ଉଚ୍ଚାରଣ ସହ ଯୁବ ଗୀତିକାର ରମାକାନ୍ତ ସାହୁ ଶୋକ ଗୀତି ଗାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଧ୍ୟାପକ ଦାମୋଦର ବେହେରା, ରବିନାରାୟଣ ଦାସ, ଉମାକାନ୍ତ ସାହୁ, ଡଃ ଶରତ ସାହୁ, ଦେବେନ୍ଦ୍ର ଦାସ, ମନୀଷ ସାହୁ, ଆଞ୍ଜନେୟ ରାୟ, ସୁବାସ ମହାପାତ୍ର, ରାମଚନ୍ଦ୍ର ଦାସ, ପ୍ରଭାତ ମଲ୍ଲିକ, ବିଜୟ ରାୟ, ଉମାକାନ୍ତ ଧଳ, ନାରାୟଣ ସାହୁ, ପ୍ରଦୀପ୍ତ ଦାସ, ଗୌରାଙ୍ଗ ବେହେରା, ନାରାୟଣ ଦାସ, ଲକ୍ଷ୍ମୀଧର ତରାଇ, ଅଶୋକ ମହାପାତ୍ର, ପ୍ରାଧ୍ୟାପକ ଦେବୀପ୍ରସାଦ ସାହୁ, ନିରାକାର ନାୟକ, ଆଶିଷ ମହାପାତ୍ର, ସୁବାସ ବେହେରା, କୈଳାସ ଚନ୍ଦ୍ର ସେନାପତି, ଶରତ ଦାସ, ଶଶୀଭୂଷଣ ସାମଲ, ବିଷ୍ଣୁଚରଣ ବେହେରା, ସାବିତ୍ରୀ ମଲ୍ଲିକ, ଧୀରେନ୍ଦ୍ର ମଲ୍ଲିକ, ବିରଜା ଦାସ, ଗୋପାଳ ଦାସ, ରଞ୍ଜିତ ସାହୁ, ଅର୍ଜ୍ଜୁନ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ବ୍ୟାସନଗର, ୧୨।୧(ସମିସ):** ଗାୟତ୍ରୀ ପରିବାର ଯାଜପୁର ରୋଡ ଆନୁକୂଲ୍ୟରେ ୩ ଦିନ ବ୍ୟାପି ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସ୍ଥାନୀୟ ନନ୍ଦରାମ ବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସକାଳ ୯ ଘଟିକା ସମୟରେ ଭବ୍ୟ କଳସଯାତ୍ରା ରେଳ ଷ୍ଟେସନ, ବସଷ୍ଟାଣ୍ଡ, ପୋଷ୍ଟ ଅଫିସ ଦେଇ ଉମାପଦାସ୍ଥିତ ରତନା ପୋଖରୀରୁ କଳସରେ ପାଣି ନେଇ ବସଷ୍ଟାଣ୍ଡ ବାଇପାସ ଦେଇ ନନ୍ଦରାମ ବାଟିକାରେ ପହଞ୍ଚିଥିଲା । ଶାନ୍ତିକୁଞ୍ଜ ଋଷିପୁତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରାଯାଇଥିବା ବେଳେ ୪୦୦ରୁ ଅଧିକ ଗାୟତ୍ରୀ ପରିବାରର ଭାଇ ଏବଂ ଭଉଣୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ପ୍ରାଙ୍ଗଣରେ ପ୍ରାୟ ୨୫୦ରୁ ଅଧିକ ପିଲାଙ୍କୁ ନେଇ ଯୁବ ଚେତନା ଜାଗରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶେଷରେ ହରିଦ୍ୱାରର ଶାନ୍ତିକୁଞ୍ଜ ଋଷିପୁତ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଯାଜପୁରରେ ଖୋଲିଲା ଆପୋଲୋ କ୍ଲିନିକ୍

**ଯାଜପୁର ଟାଉନ, ୧୨।୧ (ସମିସ)**

ଯାଜପୁର ସହରର କିଆନାଳିକୂଳଠାରେ ଗୁରୁବାର ଦିନ ଆପୋଲୋ କ୍ଲିନିକ୍ ଉଦ୍‌ଘାଟନ ହୋଇଯାଇଛି । ଯାଜପୁରର ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ଲିନିକ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅତ୍ୟାଧୁନିକ କ୍ଲିନିକ୍‌ରେ ଡିଜିଟାଲ୍ ଏକ୍ସରେ, ଅଲଟ୍ରାସାଉଣ୍ଡ, ଦନ୍ତ ଚିକିତ୍ସା, ଚର୍ମରୋଗ ଆଦି ଚିକିତ୍ସା କରାଯିବା ସହ ସମ୍ପୂର୍ଣ୍ଣ ଅଟୋମେଟିକ୍ ମେସିନ୍ ଦ୍ୱାରା ବିଭିନ୍ନ ରକ୍ତ ପରୀକ୍ଷା କରାଯାଇପାରିବ ବୋଲି କ୍ଲିନିକ ପକ୍ଷରୁ ଧରଣୀଧର ସାହୁ ପ୍ରକାଶ କରିଛନ୍ତି । ଡାକ୍ତର ବିଶ୍ୱଜିତ୍ ବିଶ୍ୱରଞ୍ଜନ ସାହୁ, ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ବିନୟ ଜୟସ୍ୱାଲ୍, ଡାକ୍ତର କାର୍ତ୍ତିକ ଚନ୍ଦ୍ର ରାଉତ, ଡାକ୍ତର



ଲଲାଟେନ୍ଦୁ ଦାସ, ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡାକ୍ତର ଅନୁସୟା ଜେନା, ଡାକ୍ତର ହେମନ୍ତ କୁମାର ମହାରଣା, ବରୁଣେଶ୍ୱର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଯାଜପୁର ପୌରପାଳିକାର କାଉନସିଲର ହେମାଙ୍ଗିନୀ ମହାନ୍ତି, ମାନଗୋବିନ୍ଦ ପତି, ସୁରେନ୍ଦ୍ର କୁମାର ରଣା, ସରିତା ଖୁଣ୍ଟିଆ, ତିଳୋତ୍ତମା ରାୟ, ମିନାକ୍ଷୀ ନନ୍ଦ, ରିନାବାଳା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶୀଷ ମହାରଣା ଯୋଗଦେଇ ଯାଜପୁରରେ ଏଭଳି ଏକ ଅତ୍ୟାଧୁନିକ କ୍ଲିନିକ୍‌ର ଆବଶ୍ୟକତା ରହିଥିଲା ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲାସ୍ତରୀୟ ପାରମ୍ପରିକ ଲୋକକଳା କର୍ମଶାଳା

**ଯାଜପୁର, ୧୨।୧(ସମିସ)**

ଗୌତମ ବୁଦ୍ଧ ସଂସ୍କୃତି ଭବନରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ପାରମ୍ପରିକ ଲୋକକଳାର ପ୍ରୟୋଗଜନିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ପରିଷଦ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପାରମ୍ପରିକ ଲୋକକଳା ଆମ ଶରୀର ଓ ଜୀବନର ଚଳଣି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମତବ୍ୟକ୍ତ କରି ପାରମ୍ପରିକ





ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ପ୍ରଚାର, ପ୍ରସାର କରିବାରେ କଳାକାରଙ୍କ ଭୂମିକା ଓ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଏ ପରିପ୍ରେକ୍ଷୀରେ ଶ୍ରୀ ବେହୁରିଆ ରାଜ୍ୟ ସରକାରଙ୍କ ଯୋଜନାକୁ କଳାକାରମାନେ ନିଜ ଅଭିନୟରେ ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରାଇ ବହୁତ ଫାଇଦା ଦେବାକୁ ସେ ପରାମର୍ଶ ଦେଇଥିଲେ ।

ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟା ସୋନାଲି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଆଇଇସି କାର୍ଯ୍ୟକ୍ରମ ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ ସାମନ୍ତରାୟ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଅଧିକାରୀ ହଳଧର ନାୟକ ଯୋଗଦେଇ ଯାଜପୁର ଐତିହ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ଯାଜପୁରର ପାରମ୍ପରିକ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରୁ ଆରମ୍ଭ କରି ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ମିଶନ ମୋଡରେ ପ୍ରଚାର, ପ୍ରସାର କରି ଲୋକକଳାକୁ ବଞ୍ଚାଇ ରଖିବା ଓ କଳାକାରଙ୍କ ଜୀବନ ଜୀବିକାକୁ ସୁଗମ କରିବାକୁ ଆହ୍ୱାନ ଦେଇଥିଲେ ।

ବିଷୟ ବିଶାରଦ ତଥା ସଂସାଧକ ଭାବେ ବ୍ଲକ କଳା, ସଂସ୍କୃତି ସଂଘ ଉପସଭାପତି ତରଣୀସେନ ରାଉତ, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ମୋହନ ଚରଣ ମଲ୍ଲିକ, ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟର ଆର୍ଥିକ ସାକ୍ଷରତା ପାରିଷଦ ଦେବୀ ପ୍ରସାଦ ମହାନ୍ତି, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କନିଷ୍ଠ ମୋଟର ଯାନ ନିରୀକ୍ଷକ ପ୍ରଦୀପ୍ତ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ମୋ ବ୍ୟାଙ୍କ, ଲକ୍ଷ୍ମୀ ବସ୍, ଆମ ଐତିହ୍ୟ, ନବୀନ ଓଡ଼ିଶା ଆଦି ବିଭିନ୍ନ ଯୋଜନାର ଶିକ୍ଷା, ସୂଚନା ଓ ଯୋଗାଯୋଗ ପାରମ୍ପରିକ ଲୋକକଳା ମାଧ୍ୟମରେ କିଭଳି ଜନସାଧାରଣଙ୍କୁ ସଚେତନ କରାଯାଇପାରିବ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି, କଳାକାର ଅନୁଷ୍ଠାନର ଗୁରୁ ଓ ସରକାରୀ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

## କଂଗ୍ରେସର ଜୋନ୍‌ସ୍ତରୀୟ ମିଶ୍ରଣ ପର୍ବ

**ବଡ଼ଚଣା, ୧୨।୧(ସମିସ):** ବଡ଼ଚଣା ବ୍ଲକ ସମିଆଠାରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ୧୬ ନମ୍ବର ଜୋନ୍‌ସ୍ତରୀୟ ବନ୍ଧୁ ମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ ଯୋଗଦେଇ ଥିବାବେଳେ ପିସିସି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ମହାବିନାୟକ ପୀଠରୁ ଶୋଭାଯାତ୍ରାରେ ଆସି ଉକ୍ତ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ । ମିଶ୍ରଣ ପର୍ବରେ ସମିଆ ପଞ୍ଚାୟତର ସତ୍ୟପ୍ରକାଶ ଦାସଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ କଂଗ୍ରେସ ନେତା ଶ୍ରୀ ମହାପାତ୍ରଙ୍କ ନେତୃତ୍ୱ



ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି । କାଇମାଟିଆ ପଞ୍ଚାୟତର ନିତ୍ୟାନନ୍ଦ ମହାନ୍ତି ଓ ତାଙ୍କ ସମର୍ଥକ ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଶୁକ୍ରମଣି ପୂର୍ତ୍ତି, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସ୍ନେହଲତା ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଜିଲ୍ଲା ଓବିସି ସେଲ ଅଧ୍ୟକ୍ଷ ଅଶୋକ ସାମଲ, ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, କିଶୋର ଚନ୍ଦ୍ର ରାଉତ, ବରଦା ପ୍ରସାଦ ରାୟ ଯୋଗ ଦେଇଥିଲେ ।

# ରାଜ୍ୟ ସରକାରଙ୍କୁ ନୱାଜୁଦ୍ଦିନଙ୍କ ପ୍ରଶଂସା




## ଯାଜପୁରରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଆନ୍ତର୍ଜାତିକ ହସ୍ତଶିଳ୍ପ ଓ ଚାରୁକଳା ସମ୍ମିଳନୀ






**ବ୍ୟାସନଗର/ଯାଜପୁର, ୧୨।୧(ସମିସ):** ରାଜ୍ୟର ହସ୍ତଶିଳ୍ପ ଓ ଚାରୁକଳାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀକୁ ବେଶ୍ ପ୍ରଶଂସା କରିଛନ୍ତି ବଲିଉଡ କଳାକାର ନୱାଜୁଦ୍ଦିନ ସିଦ୍ଦିକ। ଓଡ଼ିଶାର କୋଣ ଅନୁକୋଣରେ କାରିଗର ଅଛନ୍ତି। ପ୍ରତ୍ୟେକ ମନ୍ଦିରରେ ଏହାର ଝଲକ ଦେଖିବାକୁ ମିଳେ। ଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିରରେ ଥିବା କାରିଗରୀ ଆଜି ସାରା ବିଶ୍ୱବାସୀଙ୍କୁ ଆକର୍ଷିତ କରୁଛି। ଓଡ଼ିଶାରେ ଥିବା ଅନେକ ଛୋଟ ଛୋଟ କାରିଗରଙ୍କ ହସ୍ତକଳା ସମଗ୍ର ବିଶ୍ୱରେ ପହଞ୍ଚିବାର ଆବଶ୍ୟକତା ଅଛି। ସେହିପରି ପୁରୀ ରଘୁରାଜପୁରର ପଟ୍ଟଚିତ୍ରକୁ ମଧ୍ୟ ପ୍ରଶଂସା କରିଥିଲେ। ପ୍ରଥମଥର ପାଇଁ ଆସିଥିବା ନୱାଜୁଦ୍ଦିନଙ୍କୁ ଓଡ଼ିଶା ବେଶ୍ ପ୍ରସନ୍ଦ ହୋଇଛି। ସମୟ ଅଭାବରୁ ସେ ଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିର ଯାଇପାରି ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ।





### ଟସର ଶିଳ୍ପକୁ ସୁକିନ୍ଦାର ଅବଦାନ କଥା ମନେ ପକାଇଥିଲେ ମନ୍ତ୍ରୀ ପ୍ରୀତିରଞ୍ଜନ

ରାଜ୍ୟରେ ଟସର ଶିଳ୍ପ ପାଇଁ ସୁକିନ୍ଦାର ଅବଦାନକୁ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ରାଜ୍ୟ ସରକାରଙ୍କ ଉଦ୍ୟମରେ ସୁକିନ୍ଦାର ମଙ୍ଗଳପୁରଠାରେ ଏସିଆର ସର୍ବବୃହତ ଟସର ଫାର୍ମ ଏଠାରେ ପ୍ରତିଷ୍ଠା ହୋଇପାରିଛି। ଯାହା ଟସର ଶିଳ୍ପ ପାଇଁ ପ୍ରମୁଖ କଞ୍ଚାମାଲ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି। ଏହି ଫାର୍ମ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ବେଶ୍ ଲାଭବାନ ହୋଇପାରିଛନ୍ତି। ଏଠାରେ ମିଳୁଥିବା ଟସରରୁ ଉତ୍ପାଦିତ ସାମଗ୍ରୀ ଆଜି ସମଗ୍ର ବିଶ୍ୱରେ ପହଞ୍ଚିପାରିଛି ବୋଲି ଆନ୍ତର୍ଜାତିକ ସମ୍ମିଳନୀରେ ମତ ଦେଇଥିଲେ।




### ଉତ୍ସବର ପ୍ରଚ୍ଛଦପଟର ନାୟକ ଜିଲ୍ଲାପାଳ

ପରଦା ପଛର ନାୟକ ଭାବେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କାର୍ଯ୍ୟ କରି ଯାଜପୁର ଜିଲ୍ଲାର ବ୍ୟାସନଗର ସହରର ଯଯାତି କୋର୍ଟୟାର୍ଡ ପରିସରରେ ରାଜ୍ୟରେ ୨ୟ ଥର ନିମନ୍ତେ ଏକ ଆର୍ନ୍ତଜାତିକ ହସ୍ତଶିଳ୍ପ ଓ ଚାରୁକଳା ସମ୍ମେଳନ ଆୟୋଜନ କରିଛନ୍ତି। ଜିଲ୍ଲାର ଦାୟିତ୍ୱ ନେବା ପରେ ପୂର୍ବରୁ ରହିଥିବା ଭେଦଭାବକୁ ଦୂର କରି ସବୁ ଅଞ୍ଚଳକୁ ସମାନ ଅଧିକାର ନ୍ୟାୟରେ ବିଭିନ୍ନ କାର୍ଯ୍ୟକ୍ରମ ଭେଟି ଦେବା ତାଙ୍କର କାର୍ଯ୍ୟଦକ୍ଷତାକୁ ପ୍ରତିପାଦିତ କରୁଛି। ଏହି ସମ୍ମେଳନ ଆୟୋଜନରେ ସବୁଠାରୁ ବଡ଼ ଭୂମିକା ନିଭାଇଛନ୍ତି ଶ୍ରୀ ରାଠୋର। ଏପରିକି ନିଜେ ଏହି ଅଧିବେଶନରେ ବୁଲି ବୁଲି ସମସ୍ତ ଦାୟିତ୍ୱ ବୁଝିବା ସହିତ ଆଗନ୍ତୁକ ବିଦେଶୀ ନାଗରିକଙ୍କ ପ୍ରଶଂସା ସାଉଟିବା ସହିତ ଜିଲ୍ଲାବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି।

### ଶିଳ୍ପୀ ଓ କାରିଗରଙ୍କ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ ହେଉଛି: ମନ୍ତ୍ରୀ ରୀତା ସାହୁ

ରାଜ୍ୟର ଶିଳ୍ପୀ ଓ କାରିଗରଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସଚେତନ ଅଛନ୍ତି। ସେଥିପାଇଁ ଅନେକ ସମୟରେ କାରିଗର ଓ ଶିଳ୍ପୀଙ୍କ ସହିତ ଆଲୋଚନା କରିବା ପରେ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଭଳି ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ ଫଳରେ ରାଜ୍ୟର କାରିଗର ଓ ଶିଳ୍ପୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଚାହିଦା ବଢ଼ିବ ଓ ଆଗକୁ ରୋଜଗାର ମଧ୍ୟ ବଢ଼ିବ ବୋଲି ରାଜ୍ୟ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଥିଲେ।

### ଲଗାତାର ଦୁଇଥର ଆନ୍ତର୍ଜାତିକ ସମ୍ମିଳନୀ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ: ଅଶୋକ ବଳ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ କୋରେଇ ନିର୍ବାଚନ ମଣ୍ଡଳୀର ବ୍ୟାସନଗରରେ ଲଗାତର ଦୁଇଥର ଏଭଳି ଆନ୍ତଜାର୍ତିକ ସମ୍ମିଳନୀ ହୋଇପାରିଛି। ଯେଉଁଥିରେ ଦେଶ ଓ ବିଦେଶର ଅତିଥି ଆସିଛନ୍ତି। ସେମାନଙ୍କୁ ସ୍ୱାଗତ କରି ମୁଁ ବେଶ୍ ଖୁସି। ଏଥିପାଇଁ ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କର ବୋଲି କୋରେଇ ବିଧାୟକ ଅଶୋକ ବଳ କହିଥିଲେ।

### ଯୋଗଦେଲେ ୧୮ ଦେଶର ପ୍ରତିନିଧି

ଯାଜପୁରରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଆର୍ନ୍ତଜାତିକ ହସ୍ତଶିଳ୍ପ ଓ ଚାରୁକଳା ସମ୍ମିଳନୀରେ ୧୮ ଟି ଦେଶର ପ୍ରତିନିଧି ଓ ସୁବକ୍ତାମାନେ ଯୋଗ ଦେଇଛନ୍ତି। ଯୋଗ ଦେଇଥିବା ଦେଶଗୁଡ଼ିକ ହେଲେ ଭାରତ, ଅଷ୍ଟ୍ରେଲିଆ, ବାହାମାସ, ବେଲଜିୟମ, ଜର୍ମାନୀ, ଇଟାଲୀ, ଜେର୍ଡାନ, ମେକ୍ସିକୋ, ମରକ୍କୋ, ନେଦରଲ୍ୟାଣ୍ଡ, ନାଇଜେରିଆ, ସ୍କଟଲାଣ୍ଡ, ଦକ୍ଷିଣ କୋରିଆ, ସ୍ୱିଜରଲାଣ୍ଡ, ସ୍ୱିଡେନ ଥାଇଲାଣ୍ଡ, ୟୁନାଇଟେଡ କିଙ୍ଗଡମ୍, ଯୁକ୍ତରାଷ୍ଟ୍ର ଆମେରିକା। ଗତବର୍ଷ ଏହି ସମ୍ମିଳନୀରେ ୧୬ଟି ଦେଶ ଭାଗ ନେଇଥିବାବେଳେ ଚଳିତଥର ୨ଟି ଅଧିକ ଦେଶ ଭାଗ ନେଇଛନ୍ତି। ଯାହା ପ୍ରମାଣିତ କରିଛି ଓଡିଶା ସର୍ବୋପରି ଯାଜପୁରର ହସ୍ତଶିଳ୍ପ ପ୍ରତି ବିଶ୍ୱ ଦରବାରରେ ଆଦର ବଢ଼ିଛି।

### ସହଯୋଗୀଙ୍କ ବିନା କାର୍ଯ୍ୟକ୍ରମ ଅଧୁରା

କୌଣସି କାର୍ଯ୍ୟକ୍ରମରେ ସହଯୋଗୀଙ୍କ ବିନା କାର୍ଯ୍ୟକ୍ରମର ପରିକଳ୍ପନା କରିବା ନିରର୍ଥକ। ଏପରି ସ୍ଥଳେ ଯାଜପୁରରେ ଦ୍ୱିତୀୟ ଥର ପାଇଁ ଆର୍ନ୍ତଜାତିକ ଶିଳ୍ପ ଓ ଚାରୁକଳା ସମ୍ମିଳନୀ ଆୟୋଜନରେ ଯେଉଁମାନେ ସହଯୋଗର ହାତ ବଢାଇଛନ୍ତି ସେମାନେ ହେଲେ ଯଯାତି କୋର୍ଟୟାର୍ଡ ଯାଜପୁରରୋଡ, ୟୁଏନଡିପି, ୟୁନେସ୍କୋ, ୟୁନିସେଫ, ନିଫ୍ଟ। ସେହିପରି କିଛି ସହର ଏହାର କ୍ରିୟାଶୀଳତାକୁ ଗତିଶୀଳ କରାଇଛନ୍ତି। ସେମାନେ ହେଲେ ଜିନଜୁ, ପୋଟସଡ୍ୟାମ, ଗାସଟୋନୋମି, କ୍ରିଏଟିଭ ବଲାରାଟ, ସିଟି ଅଫ୍ ପର୍ଥ, ଚିଆଙ୍ଗ ମାଇ ଓ ସଙ୍ଗଠନ ଲୁମ କଥା, ନାଇସ, ଏଆଇଏସି, ଭ୍ରିକସ୍, ଦ କ୍ରାଫ୍ଟ ଆଟଲାସ ପ୍ରମୁଖ।

### ବିଦେଶୀଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ

ପ୍ରଥମ ଦିବସର ସେସନ ଶେଷରେ ସନ୍ଧ୍ୟାରେ ଯଯାତି କୋର୍ଟୟାର୍ଡ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଦେଶୀ ଅତିଥି ଓ ପ୍ରତିଯୋଗୀଙ୍କ ସମତେ ଭାରତ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଓ ହସ୍ତଶିଳ୍ପୀ ଦିନର କଷ୍ଟ ଲାଘବ ନିମନ୍ତେ ମନୋରଞ୍ଜନ କରିବା ସହିତ ମନକୁ ହାଲକା କରୁଛନ୍ତି।














# ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ







**ଭଦ୍ରକ,୧୨ ।୧(ସମିସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଭଦ୍ରକ ପୌରପାଳିକାର ୩ଟି ୱାର୍ଡ ୧୦, ୧୧ ଓ ୧୨ ନଂ. ୱାର୍ଡରେ ଆଜି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି । ଏହି ୩ଟି ୱାର୍ଡରେ ୪ଟି ଅର୍ପଣ ରଥକୁ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ନଡିଆ ଭାଙ୍ଗି ଶୁଭ ଉଦଘାଟନ କରିଥିଲେ । ନିଜେ ଏହି ୱାର୍ଡମାନଙ୍କରେ ଘରକୁ ଘର ବୁଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ଯାତ୍ରା ପାଇଁ ଚାଉଳ, ଗୁଆ ଓ ଦକ୍ଷିଣା ଆଦି ସଂଗ୍ରହ କରିଥିଲେ । ୧୦ନମ୍ବର ୱାର୍ଡ ଜଗନ୍ନାଥପୁର ଠାରେ ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ସୌଭାଗ୍ୟଲକ୍ଷ୍ମୀ ସ୍ୱାଇଁ, ବରିଷ୍ଠ ବିଜେଡିନେତା ଅଶୋକ ବଳ, ପଙ୍କଜ ବଳ, ରାଜୀବ ମହାନ୍ତି, ଜଳେନ୍ଦ୍ର ମହାନ୍ତିଙ୍କ ସହ ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ସଂକୀର୍ତନ ସେହିଭଳି ଭଦ୍ରକ ପୌରପାଳିକାର ୧୧ନମ୍ବର ୱାର୍ଡରେ ବିଧାୟକ ଶ୍ରୀମଲ୍ଲିକ ପୂଜାରୀସାହି ମନ୍ଦିରରୁ ଏହି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଥିବା ବେଳେ ଘରକୁ ଘର ବୁଲି ଅକ୍ଷତ ଗୁଆ ଓ ଚାଉଳ ସଂଗ୍ରହ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଏହି ରଥ ପରିକ୍ରମା ବେଳେ ସ୍ଥାନୀୟ କାଉନିଲର ଗୀତାଞ୍ଜଳି ଦାସ, ପ୍ରାକ୍ତନ କାଉନସିଲର ଗଜେନ୍ଦ୍ର ପଣ୍ଡା, ଯୁବନେତା ସୂର୍ଯ୍ୟକୁମାର ଦାସ, ବୀରେନ୍ଦ୍ର କୁମାର ଦାସ, ଦୁର୍ଗାଶଙ୍କର ବିଶ୍ୱାଳ, ରତିକାନ୍ତ ମହାନ୍ତି, ଯୁବନେତା ମଦନମୋହନ ଦାଶ,ସୌମଭ ଦେ, ସତ୍ୟନାରାୟଣ ଦାସ, ଦୀପେନ ବଳ, ସୌଭଗ୍ୟ ଦାସ, ଦିପେନ ବଳ, ଦିପୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପଭାବେ ୧୨ନମ୍ବର ବଙ୍କସାହି ୱାର୍ଡରେ ଅର୍ପଣ ରଥକୁ ବିଧାୟକ ଶ୍ରୀ ମଲ୍ଲିକ ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ । ସେଠାରେ ପ୍ରାକ୍ତନ ପୌରାଧ୍ୟକ୍ଷ ମାନସ କୁମାର ମହାନ୍ତି, ବିଜେଡିନେତା ଶ୍ୟାମସୁନ୍ଦର ନାୟକ, ସୋମନାଥ ସାହୁ, ମିଳନ ମହାନ୍ତି ପ୍ରମୁଖ ଶତାଧିକ ପୁରୁଷ, ମହିଳା ଭକ୍ତମାନେ ଉପସ୍ଥିତ ଥିଲେ ।

**ଆଗରପଡ଼ା:** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତରେ ଶୁକ୍ରବାର ଜୟ ଜଗନ୍ନାଥ ଅର୍ପଣ ରଥ ଗଡ଼ିଛି । ଅର୍ପଣ ରଥ ପ୍ରଥମେ ଚାରିଗାଁ ପଞ୍ଚାୟତ ଚକ୍ରାପାଢ଼ୀ ଗ୍ରାମ କରସାହିରେ ପହଞ୍ଚିବା ପରେ ସେଠାରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ କୀର୍ତ୍ତନ ମଣ୍ଡଳୀର ମୃଦଙ୍ଗ, ଝାଞ୍ଜ ବାଦନ ସହ ଜୟ ଜଗନ୍ନାଥ ଧ୍ୱନିର ତାଳେ ତାଳେ ଚକ୍ରାପାଢ଼ୀ ଗ୍ରାମରେ ଏହି ରଥ ପରିକ୍ରମା କରିବା ସହ ପ୍ରତ୍ୟେକ ଘରୁ ଗୋଆ ଓ ଚାଉଳ ସଂଗ୍ରହ କରିଯାଇଥିଲା । ଏଥିରେ ଶତାଧିକ ଲୋକ ସାମିଲ ଥିଲେ । ସରପଞ୍ଚ ଗୀତିକା ଭୋଇ, ସମିତି ସଭ୍ୟ ଧରଣୀଧର କର, ପଞ୍ଚାୟତ ବିଜେଡି ସଭାପତି ପର୍ଶୁରାମ ପାଣିଗ୍ରାହୀ, ପ୍ରାକ୍ତନ ସମିତି ସଭ୍ୟ ରାମଚନ୍ଦ୍ର ସାହୁ,ଯୁବ ନେତୃତ୍ୱ ଧରଣୀ ଧର ପୃଷ୍ଟି, ଧିରେନ ଭୋଳ, ରଞ୍ଜନ ସାହୁ, ନରେନ୍ଦ୍ର ସାହୁ,ତପନ କରଙ୍କ ସମେତ ମିଶନ ଶକ୍ତିର ବହୁ ମହିଳା କର୍ମୀ ଉପସ୍ଥିତ ଥିଲେ ।

**ବାସୁଦେବପୁର:** ବାସୁଦେବପୁରରେ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବ୍ଲକ ଅରଣ୍ଡୁଆ ପଞ୍ଚାୟତରେ ସ୍ଥାନୀୟ ଜଗ୍ନନାଥ ମନ୍ଦିର ପରିସରରୁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜିପି ସହୁ, ଦିନବନ୍ଧୁ ଦାସ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ । ଏହି ଅର୍ପଣ ରଥରେ ଶ୍ରୀ ମନ୍ଦିରର ସାଜସଜା ସହିତ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଲଗାଯାଇ ଆକର୍ଷଣୀୟ କରାଯାଇଛି ।

**ମଞ୍ଜୁରୀରୋଡ:** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥପ୍ରସାଦ ମହାଦେବ ମନ୍ଦିର ଠାରେ ଅର୍ପଣ ରଥ ପରିକ୍ରମା କରିଛି । ବିଭୁ ଦାସ ଓ ପର୍ଶୁରାମ ପଣ୍ଡାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ରଥ ପରିକ୍ରମା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି । ଏଥିରେ ସମିତି ସଭ୍ୟା ପ୍ରଭାସିନୀ ପଣ୍ଡା, ଦେବୀ ଦାସ, ସାଇପ୍ରସାଦ ମହାପାତ୍ର, ସନ୍ତୋଷ ଦାସ, ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଜଳମଣ୍ଡୁଆ ପଞ୍ଚାୟତ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଛି । ଏଥିରେ ସମିତିସଭ୍ୟ ଜଗତଜୀନ ବାରିକ, ଯୁବ ନେତା ସୁଶାନ୍ତ ରାଉତ, ନାଟ୍ୟକାର ଅରୁଣ ବାରିକ, ବିଜୟ ରାଉତ, ଭାସ୍କର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ବର୍ଯ୍ୟାଁନାପୁର ଠାରେ ରଥ ପରିଭ୍ରମଣ କରୁଥିବା ବେଳେ ଆଜି ଏଥିରେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଯୋଗଦେଇଥିଲେ । ସେହିପରି ରାମଚନ୍ଦ୍ରପୁର ପଞ୍ଚାୟତ ପକ୍ଷରୁ ମଧ୍ୟ ୨ ଦିନ ହେବ ରଥ ପରିଭ୍ରମଣ କରୁଛି । କ୍ଷେତ୍ର ଅଧିକାରୀ ନରେନ୍ଦ୍ର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ ରେଣୁବାଳା ରାଉତ, ସମିତି ସଭ୍ୟା ବୈଜୟନ୍ତୀ ମୁଣ୍ଡା, ମଦନ ରାଉତ, ଜୟନ୍ତ ସାହୁ ପ୍ରମୁଖ ପରିଚାଳନା କରିଛନ୍ତି ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**ଚାନ୍ଦବାଲି,୧୨।୧(ସମିସ):** ଚାନ୍ଦବାଲି ସହରରେ ଚାନ୍ଦବାଲି ପୋଲିସ୍ ଓ ଡ୍ରାଇଭର ମହାସଂଘ ମିଳତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଉପରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇ ଯାଇଛି । ଚାନ୍ଦବାଲି ଥାନା ପରିସର ନିକଟରେ ସଚେତନତା ରାଲିକୁ ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ଯୋଗଦେଇ ସୁଭାରମ୍ଭ କରିଥିଲେ । ଚାନ୍ଦବାଲି ସହରରେ ସଡ଼କ ସୁରକ୍ଷା ଉପରେ ସଚେତନତା କରିବା ସହ ସଡ଼କ ସୁରକ୍ଷା ସମସ୍ତ ନିତି ନିୟମକୁ ମାନିବାକୁ ଡ୍ରଇଭର ମାନେ ସାଧାରଣ ଜନତାଙ୍କୁ ଡ଼ାକବାଜି ଯନ୍ତ୍ର ସହାର୍ଯ୍ୟରେ ସଚେତନତା କରିଥିଲେ । ଏହି ସଚେତନତା ରାଲିରେ ଚାନ୍ଦବାଲି ଥାନାର ଏସଆଇ ଅନୁରାଗ ମହାନ୍ତି, ଏଏସଆଇଙ୍କ ସହ ପୋଲିସ ଟିମ ଓ ଡ୍ରାଇଭର ମହାସଂଘର ପରିଚାଳନା କମିଟର ସଭ୍ୟ ବିପିନ ବେହେରା, ମନୋଜ ବେହେରା, ନିତାଇ ଜେନା, ମୁକ୍ତିକାନ୍ତ ନାଇ, ପପୁନ ଦାସ, ପପୁ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

## କିଓରୱେ-ଇ-କ୍ଲିନିକ ଉଦ୍‌ଘାଟିତ

**ଧାମନଗର,୧୨ ।୧(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ଭାରତ ପେଟ୍ରୋଲ ପମ୍ପ ନିକଟରେ ୯୧ ତମ କିଓରୱେ-ଇ-କ୍ଲିନିକ ଖୋଲିଛି । ଏଠାରେ ଗ୍ରାମ ଓ ସହରାଞ୍ଚଳ ଲୋକଙ୍କୁ ଉଚ୍ଚ ମାନର ପ୍ରାଥମିକ ସାସ୍ଥ୍ୟ ଯତ୍ନ ସହ ସୁଲଭ ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନ୍ୟତମ ଷ୍ଟାର୍ଟଅପ୍ କିଓରୱେ ଧାମନଗର ଠାରେ ଏହାର ଇ-କ୍ଲିନିକ ଶୁଭାରମ୍ଭ କରିଛି । ଧାମନଗର ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଏହି କ୍ଲିନିକକୁ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ଶ୍ରୀତମ ଦାସ, ସମ୍ମାନିତ ଅତିଥି ଭାବେ ଡେପୁଟି ଜେନେରାଲ ମ୍ୟାନେଜର ସଂଗ୍ରାମଜିତ ଭଞ୍ଜ ଯୋଗଦେଇ କିଓରୱେବ-ଇ-କ୍ଲିନିକର ଓଡ଼ିଶା ମୁଖ୍ୟ ପ୍ରିୟଦର୍ଶୀ ମହାପାତ୍ରଙ୍କ ପଦକ୍ଷେପ ଉତ୍ତମ ଜନକଲ୍ୟାଣ ସ୍ୱାସ୍ଥ୍ୟ ସେବା ଓ ପ୍ରଚାର ପ୍ରସାର ମହାପାତ୍ରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ପାଇଁ ଆସିଥିବା କେତେକ ରୋଗୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଥିଲେ ।

### ● ଚାଷୀଙ୍କ ଧାନ ବିକ୍ରି ଅର୍ଥ ଉପରେ ଲୋଲୁପ ଦୃଷ୍ଟି

## ୬୮ କିଲୋ ଚାଉଳ ବାହାନାରେ ୮ ପ୍ରତିଶତ କଟନିଛଟନି

**ବାସୁଦେବପୁର,୧୨ ।୧(ସମିସ):** ଚାଷୀଙ୍କ ଅମଳ ଧାନ ବିକ୍ରି ଅର୍ଥ ଉପରେ ଏବେ ସଭିଁଙ୍କ ଲୋଲୁପ ଦୃଷ୍ଟି ପଡିଛି । ଚିରାଚରିତ ଢଙ୍ଗରେ ପ୍ରତିବର୍ଷ ପରି ଚଳିତ ବର୍ଷ ଧାନ ମଣ୍ଡି ଖୋଲିବା ଠାରୁ ଆରମ୍ଭ ହୋଇଯାଇଛି । ଧାନବିକ୍ରି କମିଶନ ଅର୍ଥକୁ ଭାଗବଣ୍ଟା ପାଇଁ ଅଙ୍କକଷା । ଚାଷୀଙ୍କ ଧାନ କେତେ ପ୍ରତିଶତ କାଟିଲେ କେତେ ଟଙ୍କା ବାହାରିବ ଆଉ କାହାର କେତେ । କିନ୍ତୁ ଏବର୍ଷ ଟିକେ ଅଲଗା । କାହିଁକି ଏବର୍ଷ ହେଉଛି ନିର୍ବାଚନ ବର୍ଷ ଅର୍ଥର ବହୁତ ଆବଶ୍ୟକତା ରହିଛି । ଚଳିତ ବର୍ଷ ଧାନ ମଣ୍ଡି ପ୍ରାୟ ନୂତନ ବର୍ଷ ଛୁଇଁବା ଠାରୁ ଆରମ୍ଭ ହୋଇସାରିଛି । ମାତ୍ର ନିୟୋଜିତ ହୋଇଥିବା ମିଲକୁ ଏଯାଏ ମୁଠେ ଧାନ ଯାଇପାରିନି । ଏବର୍ଷ ବାସୁଦେବପୁର ବ୍ଲକରେ ୨୨ଟି ସମବାୟ ସମିତି ସହିତ ଯୋଡିହୋଇଛି ଆହୁରି ୬ଟି ସ୍ୱୟଂ ସହାୟିକାଙ୍କ ମଣ୍ଡି । ପ୍ରାୟତଃ ୫ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କିଣା ହେବାର ଲକ୍ଷ ଧାର୍ଯ୍ୟ ହୋଇଛି । ସେଥିପାଇଁ ସବୁ ସମିତି ଅଧୀନରେ ଥିବା ଚାଷୀମାନଙ୍କ ନିକଟକୁ ପ୍ରଥମ ପର୍ଯ୍ୟାୟରେ ଟୋକନ ଓ ଟାର୍ଗେଟ ଆସିସାରିଛି । ଏମିତି ସ୍ଥିତିରେ ଚାଷୀଙ୍କ ହାଡଭଙ୍ଗା ପରିଶ୍ରମର ଫଳ ଉପରେ ସବୁଆଡୁ ଲୋଲୁପ ଦୃଷ୍ଟି ପଡିଥିବା ସମଗ୍ର ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି । ଥରକୁ ଥର ଜିଲ୍ଲା ତମାମ ପ୍ରଶାସନ ସମିତି ଗୁଡିକୁ ପରିଦର୍ଶନ ଆସି ଧାନର ମାନ ନିର୍ଣ୍ଣୟର ଅସନ୍ତୋଷ ଝାଡିବା ସହିତ ୨୫/୨୬ ପ୍ରତିଶତ କଟନିଛଟନି ବାହାନା ଦେଖାଇ ଫେରି ଯାଉଥିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କ୍ୱିଣ୍ଟାଲ ଧାନ ପିଛା ୬୮ କିଲୋ ଚାଉଳ ବାହାରିଲେ ଏଫ୍‌ଏକ୍ୟୁ ମାନର ସରକାରୀ ସ୍ତରରେ ଧାନ କ୍ରୟ ପାଇଁ ଠିକ ରହିବ ବୋଲି କହି ଯାଉଛନ୍ତି । ତେବେ ଗତ ସୋମବାର ସକାଳେ ଉଭୟ ଯୋଗାଣ ବିଭାଗ ଓ ଆର୍‌ଏମସି ବିଭାଗର କର୍ମଚାରୀମାନେ ଦଳଦଳ ହୋଇ ବିଦେଇପୁର ସମବାୟ ସମିତିରେ ପହଞ୍ଚିଥିଲେ । ଆର୍‌ଏମସି ବିଭାଗର ଅଧିକାରୀମାନେ ସେଠାରେ ଉପସ୍ଥିତ ଥାଉ ଥାଉ ଯୋଗାଣ ବିଭାଗର ଅଧିକାରୀମାନେ ଧାନର ମାନ ନିର୍ଦ୍ଧାରଣ କରି ୨୬ ପ୍ରତିଶତ ଆର୍ଦ୍ରତା, ଧୂଳିବାଲି ଓ କୁଟା ଆଦି ରହିଥିବା ଦର୍ଶାଇବା ସହିତ ଏହା ଗ୍ରହଣ ଯୋଗ୍ୟ ନୁହେଁ ବୋଲି ନାକ ଟେକି ଚାଲି ଯାଇଥିଲେ । ହେଲେ ପ୍ରଶାସନର ଏମିତି ମନମାନୀଙ୍କୁ ଉପସ୍ଥିତ କେତେକ ଚାଷୀ ନାପସନ୍ଦ କରିବା ସହିତ ସରକାରୀ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରିଥିଲେ । ଏମିତିସ୍ଥିତିରେ ଚାଷୀମାନେ ଧାନ ଚାଷକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପଟେ ଧାନ କିଣାରେ ବାସ୍ତବ ଚିତ୍ର କହୁଛି ଯେ, କ୍ୱିଣ୍ଟାଲ ଧାନରେ ୧୦ ପ୍ରତିଶତ ଆର୍ଦ୍ରତା ରହିଲେ ଅଥଚ ୯୦ କିଲୋରୁ ୬୮ କିଲୋ ଚାଉଳ ବାହାରିବ । ଆଉ ସେହି ଚାଷୀର ଧାନ କିଣା ଗ୍ରହଣୀୟ । ଏପଟେ ଅଧିକ ପ୍ରତିଶତ ଦର୍ଶାଇ ଚାଷୀଙ୍କ ଅର୍ଥକୁ ମିଲରଙ୍କ ଜରିଆରେ ଭାଗବଣ୍ଟା ଲାଳସା ଏବେ ସଭିଁଙ୍କୁ ଘାରିଛି । ଯାହା ଏବେ ଧାନକିଣା ତ୍ୱରାନ୍ୱିତ ନ ହୋଇପାରିବା ସହିତ ପ୍ରଶାସନର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି ।

### ● ମୃତ୍ୟୁ ପ୍ରମାଣ ପତ୍ର ପାଇଁ ଲାଞ୍ଚ ମାଗିବା ଘଟଣା

## ଥାନାରେ ହାଜର ହେଲେ ଚାନ୍ଦବାଲି ମେଡିକାଲ କିରାଣି

**ଚାନ୍ଦବାଲି, ୧୨ ।୧(ସମିସ):** ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିରାଣି ଦେବବ୍ରତ ମିଶ୍ର ଟଙ୍କା ମାଗୁଥିବା ନେଇ ଗତ ୬ ତାରିଖ ଦିନ ଚାନ୍ଦବାଲି ଥାନାରେ ସମାଜସେବୀ ଆଶିଷ ବେହେରା ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ଆଜି ପୁଲିସ ସମ୍ପୃକ୍ତ କିରାଣିକୁ ଥାନାକୁ ଡାକି ପଚରାଉଚୁରା କରିବା ସହିତ ଅଧିକ ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଥାଉକି, ଆଶିଷଙ୍କ ଅଭିଯୋଗ ଅନୁଯାୟୀ ଗତ ୬ ତାରିଖରେ ସେ ଏକ ମୃତ୍ୟୁ ପ୍ରମାଣପତ୍ର ପାଇଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ । କିନ୍ତୁ ପ୍ରମାଣପତ୍ର ପାଇଁ ତାଙ୍କୁ କିରାଣି ତାଙ୍କ ସହିତ କାର୍ଯ୍ୟ କରୁଥିବା ଜଣେ ଦଲାଲଙ୍କ ମାଧ୍ୟମରେ ତାଙ୍କୁ ଟଙ୍କା ମାଗିଥିଲେ । ତେବେ ଉକ୍ତ ବ୍ୟକ୍ତ ଜଣଙ୍କ ଟଙ୍କା ନଦେବାରୁ ତାଙ୍କୁ କିରାଣି ଜଣଙ୍କ ଜାଣି ଶୁଣି ହଇରାଣ କରୁଥିବା କହିଛନ୍ତି ସମାଜସେବୀ ଆଶିଷ ବେହେରା । ଉକ୍ତ ବ୍ୟକ୍ତି ଜଣଙ୍କ ଏ ସମ୍ପର୍କରେ ପ୍ରଥମେ ମେଡ଼ିକାଲ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ସମ୍ପୃକ୍ତ କିରାଣି ଓ ଦଲାଲଙ୍କ ବିରୋଧରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ କିରାଣିଙ୍କ ବିରୋଧର ପୂର୍ବରୁ ଅନେକ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି । ବିଭାଗୀୟ ଅଧିକାରୀ ତେବେ ଆଶିଷଙ୍କ ଅଭିଯୋଗ ପରେ ଆଜି ଚାନ୍ଦବାଲି ପୁଲିସ ସମ୍ପୃକ୍ତ କିରାଣିକୁ ଥାନାକୁ ଡାକି ପଚରା ଉଚରା କରିବା ପରେ ତାଙ୍କୁ ଛାଡ଼ି ଦେଇଥିବା ଜଣାପଡିଛି ।

## ମକର ମେଳା ଲାଗି ସଜେଇ ହେଲାଣି ନେତ୍ର ପୀଠ

**ଅସୁରାଳି,୧୨ ।୧(ସମିସ):** ଜିଲ୍ଲାର ଅନ୍ୟତମ ଶକ୍ତି ପୀଠ ନେତ୍ର ତୀର୍ଥ ମାଆ ବରୁଣାଇଙ୍କ ପୀଠ ଏକ ପ୍ରମୁଖ ଦେବୀ ପୀଠ ଭାବରେ ଖ୍ୟାତ । ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତାରେ ଭଦ୍ରକରୁ ମାତ୍ର ୧୩ କିମି ଅତିକ୍ରମ କଲେ ମଙ୍ଗଳପୁର ଓ ଅସୁରାଳି ମଧ୍ୟସ୍ଥଳରେ କପାଳୀ ନଦୀ ତୀରରେ ମାଆ କେଉଁ ଅନାଦି କାଳରୁ ବିରାଜ ମାନ କରିଛନ୍ତି । ଆଖଣ୍ଡଳମଣି ଯାଉଥିବା ପ୍ରତ୍ୟେକ ଶ୍ରଦ୍ଧାଳୁ ତଥା ଯାନବାହନ ଘଡ଼ିଏ ଅଟକି ଯାଇ ମା'ଙ୍କ କରୁଣା ଲାଭ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ସହିତ ଏଠାରେ ମକର ସଂକ୍ରାନ୍ତି ଅବସରରେ ଏକ ବିରାଟ ମେଳା ଲାଗିଥାଏ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାରେ ଯୋଗ ଦେଇଥାନ୍ତି । ଚଳିତ ବର୍ଷ ମହାସମାରୋହରେ ମା'ଙ୍କର ପୂଜା କିପରି ହେବ ଏବେଠୁ



ଜୋରଦାର ପ୍ରସ୍ତୁତି .ଲିଛି । ମକର ସଂକ୍ରାନ୍ତି ଉପଲକ୍ଷେ ଚଣ୍ଡି ପାଠ, ବିଶ୍ୱଶାନ୍ତି ମହାଯଜ୍ଞ ସହିତ ନାମ ଯଜ୍ଞ ଆଦି କାର୍ଯ୍ୟକ୍ରମଅନୁଷ୍ଠିତ ହୁଏ । ମା'ଙ୍କ ର ଦିବ୍ୟ ପ୍ରସାଦ ବଣ୍ଟନ କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ଆପ୍ୟାୟିତ କରାଯାଇ ଥାଏ । ତିନି ୩ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟ କ୍ରମକୁ ବହୁ ଦର୍ଶକ ଉପଭୋଗ କରିଥାନ୍ତି । ସମ୍ପ୍ରତି ବହୁବିଧ ଉନ୍ନତି ମା'ଙ୍କ ପୀଠରେ ଦେଖିବାକୁ ମିଳୁଛି । ମକର ସଂକ୍ରାନ୍ତି କୁ ଲକ୍ଷ ର ସେଠାକାର ସ୍ଥାନୀୟ ବାସିନ୍ଦା ସବୁ ଘର କରଣା ସାମଗ୍ରୀ କିଣିଥାନ୍ତି । ପିଲା ଠାରୁ ବୁଢ଼ା ଯାଏଁ ଆବାଳ ବୃଦ୍ଧ ବନିତା ମା'ଙ୍କର ଆଶୀର୍ବାଦ ଭିକ୍ଷା କରିବା ପାଇଁ ଏହି ଦିନ କୁ ବହୁ ଦିନ ଧରି ପ୍ରତୀକ୍ଷା କରିଥାନ୍ତି । ମା'ଙ୍କର ସଂପୂର୍ଣ୍ଣ ପୂଜାର୍ଚ୍ଚନା ବୈଦିକ ରୀତିନୀତିର ପୂଜକ ବଟକୃଷ୍ଣ ପଣ୍ଡା ସମ୍ପାଦିତ କରିଥାନ୍ତି ।

DADLS-76

ଓଡ଼ିଶା ସରକାର



ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୪

ସକାଳ – ଘ.୮.୩୦ ମିନିଟ ସମୟରେ ଏଜି ଛକ,ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଜୟଦେବ ଭବନ ଅପରାହ୍ନ - ୩ ଘଟିକା
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ
ଆଲୋଚନାଚକ୍ର
(ଆୟୋଜକ :ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)

ସନ୍ଧ୍ୟା ଘ. ୫.୩୦ ମିନିଟ ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ, ବ୍ରହ୍ମପୁର,
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ, ଆସିକା,
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ସୋରଡ଼ା
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା, ଆସିକା
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା, କବିସୂର୍ଯ୍ୟନଗର
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ, ବ୍ରହ୍ମପୁର
ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ, ଛତ୍ରପୁର
ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ, ମାନ୍ୟବର ବିଧାୟିକା, ଖଲ୍ଲିକୋଟ
ଧନ୍ୟବାଦ ଅର୍ପଣ – ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ସମ୍ପାଦକ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଗଂଜାମର ପ୍ରସିଦ୍ଧ ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଏବଂ ସଖୀନାଟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0249/2324

### ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ

## ମଞ୍ଚସ୍ଥ ହେଲା 'ପାଷାଣ୍ଡ ପାଳଭୂତ'





**ଭଦ୍ରକ,୧୨ ।୧(ସମିସ):** ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଭଦ୍ରକ ଜିଲ୍ଲାର ଅବଦାନ ଇତିହାସ ସାରସ୍ୱତ ପୃଷ୍ଠାରେ ସର୍ବକାଳୀନ ହୋଇରହିଛି ଓ ରହିଥିବ । ବହୁ ବରେଣ୍ୟ ସାହିତ୍ୟିକ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ଜଗତରେ କାଳଜୟୀ ସୃଷ୍ଟି କରିଛନ୍ତି । ବିଶିଷ୍ଟ ସାରସ୍ୱତ ସାଧକଙ୍କ ଅବଦାନ ଭଦ୍ରକକୁ ଅନନ୍ୟ ପରିଚୟ ଦେଇଛି । ଭଦ୍ରକର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବିଶେଖର ଚିନ୍ତାମଣି ମହାନ୍ତି, ଜାତୀୟକବି ବାଞ୍ଛାନିଧି ମହାନ୍ତି, ମୋଗଲ ତାମ୍‌ସା ସ୍ରଷ୍ଟା ବଂଶୀବଲ୍ଲଭ ଗୋସ୍ୱାମୀ, ଲୋକକବି ଜଗନ୍ନାଥ ପାଣି, କେଶବ କବି କୃଷ୍ଣପ୍ରସାଦ ବେହେରା ପ୍ରମୁଖ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ସେହିପରି ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା, ସିନେମା ତଥା ମଞ୍ଚ ନାଟ୍ୟକାର ବସନ୍ତ ମହାପାତ୍ର ପ୍ରମୁଖ ନାଟ୍ୟ ଜଗତରେ ସ୍ୱର୍ଣ୍ଣାଭ ସ୍ୱାକ୍ଷର ସୃଷ୍ଟି କରିଛନ୍ତି । ଏଣୁ ଓଡିଆ ଭାଷା, ସାହିତ୍ୟ ପରମ୍ପରାକୁ ଭଦ୍ରକ ମାଟିର ଅବଦାନ ଇତିହାସ, ସଂସ୍କୃତି ପୃଷ୍ଠାରେ ଚିରଦିନ କାଳଜୟୀ ହୋଇ ରହିଛି ଓ ରହିବ ବୋଲି ଆଜି ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଅନୁଷ୍ଠିତ ନାଟ୍ୟ ମହୋତ୍ସବର ଆଜିର ଉଦଘାଟନୀ ଉତ୍ସବରେ ଅତିଥିଭାବେ ଓଡିଶା ନାଟ୍ୟ ସଂଘର ସମ୍ପାଦକ ଶୁଭକାନ୍ତ ପାଢୀ, ଆର୍ନ୍ତଜାତୀୟ କ୍ରୀଡା ସାମ୍ବାଦିକ ସାଇ ମହାପାତ୍ର, ସମାଜସେବୀ ବିଭୁ ଚନ୍ଦନ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସଭାରେ ନଟରାଜ ଅନୁଷ୍ଠାନର ସଭାପତି ବିଶିଷ୍ଟ ନାଟ୍ୟକାର ଡ.ସୁଧାଂଶୁ ନାୟକ ସଭା ସଞ୍ଚାଳନ କରିଥିବା ବେଳେ ଆଜି ମଞ୍ଚସ୍ଥ ହୋଇଥିବା ନାଟକ 'ପାଷାଣ୍ଡ ପାଳଭୂତ'ର ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଓ ନାଟକ ଜଗତରେ ଖ୍ୟାତି ଅର୍ଜନ କରିଥିବା ଇଂ. ଅମ୍ବିକାବଲ୍ଲଭ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକ 'ପାଷାଣ୍ଡ ପାଳଭୂତ'ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଭୁବନେଶ୍ୱର 'ମନନ' ସଂସ୍ଥା ପକ୍ଷରୁ ଏହି ନାଟକ ପରିବେଷିତ ହୋଇଥିଲା ।

